ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁଲାଇ, ୨୦୨୩

## ୧୨ ଛାତ୍ର ଆଖିଧରା ରୋଗରେ ଆକ୍ରାନ୍ତ

ମୋହନା,(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ଆଖିଧରା ରୋଗରେ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି। ଗତ ଦୁଇ ଦିନ ହେଲା ଖଣି ଏସ୍ଏସ୍‌ଡି ହାଇସ୍କୁଲର ୧୨ ଜଣ ଛାତ୍ର ଆକ୍ରାନ୍ତ ହୋଇଥିବା ବେଳେ ରବିବାର ସେମାନଙ୍କୁ ଚିକିତ୍ସା ପାଇଁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ମୋହନା ମେଡ଼ିକାଲରେ ଆକ୍ରାନ୍ତମାନଙ୍କୁ ଚିକିତ୍ସା କରାଯାଉଥିବା କହିଛନ୍ତି ଡାକ୍ତର। ଗତ ତିନି ଦିନ ତଳେ ଏସଏସଡି ହାଇସ୍କୁଲର ୫୩ ଜଣ ଛାତ୍ର ଆଖିଧରା ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସା ପରେ ବର୍ତ୍ତମାନ ସୁସ୍ଥ ଥିବା ଡାକ୍ତର ତ୍ରିଶୂଳ କୁମାର ସେନାପତି ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ପାରଳାଖେମୁଣ୍ଡି, ୯।୭ (ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ସାରିଆପଲ୍ଲୀ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଇଠଡା ଗ୍ରାମର ଟି.ସିମାଞ୍ଚଳମ(୫୨)। ଗାରବନ୍ଧ ଗ୍ରାମରୁ ନିଜ ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ଏକ ଟ୍ରକ ତାଙ୍କ ପଛପଟରୁ ଧକ୍କା ଦେଇଥିଲା । ଫଳରେ ସୀମାଞ୍ଚଳମ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାର କରି ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ କୌଣସି ଡାକ୍ତର କିମ୍ବା କର୍ମଚାରୀ ନଥିବାରୁ ତାଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗାରବନ୍ଧ ଥାନାରେ ୪୬/୨୩ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଗୋବିନ୍ଦ ଗୌଡ ସୂଚନା ଦେଇଛନ୍ତି।

## ପନିକିରେ ଆକ୍ରମଣ କରି ଯୁବକ ଗିରଫ

ବୁଗୁଡ଼ା,୯।୭(କାଳି ଚରଣ ଦାଶ)-ବୁଗୁଡ଼ା ସହରର ବୁଦ୍ଧଖୋଲ ରୋଡସାହିରେ ଜେଲ ଫେରନ୍ତା ନିଶାସକ୍ତ ଯୁବକ ବିଚ୍ ରାସ୍ତାରେ ଅନ୍ୟ ଜଣେ ଯୁବକଙ୍କ ବେକ କାଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ରବିବାର ପୋଲିସ ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବୁଦ୍ଧଖୋଲ ରୋଡସାହିର ଦିଲୀପ ଦାଶ। ଗତ ୭ ତାରିଖ ରାତିରେ ଦିଲୀପ ନିଶାସକ୍ତ ହୋଇ ଘର ସାମ୍ନାରେ ଗାଳି ଗୁଲଜ କରୁଥିବା ବେଳେ ସୁଶାନ୍ତ ତାଙ୍କ ନିକଟକୁ ଯାଇ ଖାଲିଟାରେ କାହିଁକି ପାଟି ତୁଣ୍ଡ କରୁଛ ବୋଲି ବୁଝାଇଥିଲେ। ଏଥିରେ ଦିଲୀପ ରାଗି ଯାଇ ଘରୁ ଏକ ପନିକି ଆଣି ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁଶାନ୍ତଙ୍କ ଡାହାଣ ହାତ ଓ ବେକ ମୁଣ୍ଡାରେ ଗଭୀର ଆଘାତ ଲାଗିଥିଲା । ସୁଶାନ୍ତଙ୍କୁ ତୁରନ୍ତ ବୁଗୁଡ଼ା ମେଡିକାଲରେ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ଅଭିଯୋଗ କ୍ରମେ ପୋଲିସ ଏ ନେଇ ନଂ. ୪୯୦/୨୩ରେ ଏକ ମାମଲା ରୁଜୁ କରି ଦିଲୀପଙ୍କୁ ଗିରଫ କରିଥିଲା। ଦିଲୀପ ଏଥି ପୂର୍ବରୁ ସେହି ସାହିର ଜଣେ ଅଧ୍ୟାପକଙ୍କୁ ଛୁରୀରେ ଆକ୍ରମଣ କରିଥିବା ବେଳେ ଗତ ଜାନୁଆରୀ ୩ ତାରିଖରେ ଜଣେ ଅବସରପ୍ରାପ୍ତ ପୋଲିସ ଏଏସ୍ଆଇଙ୍କୁ ଛୁରୀରେ ଆକ୍ରମଣ କରି ଗିରଫ ହେବା ସହ କିଛି ଦିନ ତଳେ ଜେଲରୁ ବେଲରେ ଆସିଥିଲେ। ଦିଲୀପ ବାରମ୍ବାର ଏଭଳି କରୁଥିବାରୁ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି।

## ସୀମାନ୍ତ ସାମ୍ବାଦିକ ସଂଘର ବୈଠକ

ପାତ୍ରପୁର, ୯।୭(ଉମାଚରଣ ନେପାକ): ପାତ୍ରପୁର ସୀମାନ୍ତ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ସଭାପତି ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଶୁକ୍ରବାର ଚିକିଟି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକଜଗନମହନ ମହାପାତ୍ରଙ୍କ ବିୟୋଗରେ ସଂଘ ତରଫରୁ ନୀରବ ପ୍ରାର୍ଥନା କରାଯାଇଥିଲା । ମାଧବ ବାଡତ୍ୟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନୀଳାଞ୍ଚଳ ପଟ୍ଟନାୟକ ପୂର୍ବ ବିବରଣୀ ପାଠ କରିଥିଲେ। ସଂଘ ପଞ୍ଜୀକରଣ ସହ ଗୃହ ନିର୍ମାଣ ପାଇଁ ଆଲୋଚନା କରାଯିବା ସହ ସାମ୍ବାଦିକମାନଙ୍କୁ ସରକାରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର କରାଯାଇଥିଲା। ସାଂଗଠନିକ ଆଲୋଚନା କରାଯାଇଥିବା ବେଳେ ରାଜ ଗୋପାଳ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୋଷାଧକ୍ଷ ଉମାଚରଣ ନେପାକ, ସନ୍ତୋଷ ମହାପାତ୍ର, ରାଜେଶ ସେଠୀ, ବଦ୍ରି ରଣା, ସୁରେଶ ପଟ୍ଟନାୟକ, ଆଲୁ ଜୟପ୍ରକାଶ, ଗୌରାଙ୍ଗ ପ୍ରଧାନ ଓ ଅଞ୍ଚଳ ପଟ୍ଟନାୟକ ଉପସ୍ଥିତ ଥିଲେ।

## ସିପିଆଇ ଜିଲାସ୍ତରୀୟ କର୍ମଶାଳା

ପାରଳାଖେମୁଣ୍ଡି, ୯।୭ (ଗିରିଧାରୀ ପରିଛା): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଜପତି ଜିଲା କମିଟି ସଦସ୍ୟ, ଅଞ୍ଚଳ ସମ୍ପାଦକ ଓ ଶାଖା ସମ୍ପାଦକଙ୍କୁ ନେଇ ରାଜନୈତିକ ଓ ସାଂଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ କମ୍ରେଡ ଅଭୟ ସାହୁ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଡାକ୍ତର ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ଆନ୍ଧ୍ର ପ୍ରଦେଶର ନେତା ଧର୍ମା ରାଓ, ଲୋକନାଥ ଦଳେଇ, ଜଗନ୍ନାଥ ରାଓ, ପି. ପଦ୍ମା ପ୍ରମୁଖ ଉଦବୋଧନ ଦେଇଥିଲେ।

# ରାସ୍ତା ମରଣଯନ୍ତା, ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ

ନୂଆଗଡ଼,୯।୭(ପପୁନ ପରିଛା)


ବିପର୍ଯ୍ୟସ୍ତ ରାସ୍ତା ।

ଗଜପତି ଜିଲା ନୂଆଗଡ଼ ସଦର ମହକୁମାଠାରୁ ରାୟଗଡ଼ା ଜିଲା ସୀମାନ୍ତ ଅଞ୍ଜରସିଂ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତି ଦୟନୀୟ ହୋଇଛି। ଏହି ଖାଲଖମା ପଥୁରିଆ ରାସ୍ତା ଦେଇ ମରଣକୁ ବାଜି ଲଗାଇ ବହୁକଷ୍ଟରେ ସ୍ୱାସ୍ଥ୍ୟ, ଶିକ୍ଷା, ବାଣିଜ୍ୟ ବ୍ୟବସାୟୀ କାରବାର ନିମନ୍ତେ ପ୍ରତିଦିନ ଯିବା ଆସିବା କରିଥାନ୍ତି ଶତାଧିକ ଅଞ୍ଚଳ ବାସୀ। ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ଯୋଗୁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ଖରାଦିନେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଗାଡ଼ି ମଟର ଯିବା ତ ଦୂରର କଥା ଚାଲିଚାଲି ଯିବା ମଧ୍ୟ ସମ୍ଭବ ହେଉନି। ଦୁର୍ଗମ ଆଦିବାସୀ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ପଡୁନଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ପଥଚାରୀମାନଙ୍କ ଦୁର୍ଘଟଣା ଘଟି ନିରୀହ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଥିବା ନଜିର ରହିଛି। ରାସ୍ତା ସମସ୍ୟା ଯୋଗୁ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇ ଦୁର୍ଘଟଣା କିମ୍ବା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନଙ୍କୁ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ବାଧ୍ୟ ହେଉଛନ୍ତି ଲୋକେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଅଭିଯୋଗ ଶୁଣାଣିରେ ଆବେଦନ କଲେ ମଧ୍ୟ କାର୍ଯ୍ୟକାରୀ ହେଉନଥିବା ଅଞ୍ଚଳବାସୀ କହିଛନ୍ତି। ରାୟଗଡ଼ା ଜିଲାର ସୀମାକୁ ଏହି ରାସ୍ତା ମାତ୍ର ୫ କିଲୋମିଟର। ପଡୋଶୀ ଜିଲା ନିଜ ସୀମା ପର୍ଯ୍ୟନ୍ତ ପକ୍କା ରାସ୍ତା କରିଥିଲେ ମଧ୍ୟ ଜିଲାର ସୀମାଠାରୁ ନୂଆଗଡ଼ ପର୍ଯ୍ୟନ୍ତ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ। ବ୍ଲକର ଲୁହାଙ୍ଗର ପଞ୍ଚାୟତର କିଜାଙ୍ଗ, କୁଡିଙ୍ଗଡା, ଏସ.ଅନ୍ତରଡା ଗ୍ରାମର ଏବଂ ରାୟଗଡ଼ା ଜିଲା ସୀମାନ୍ତରେ ବସବାସ କରୁଥିବା ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ନୂଆଗଡ଼ ସଦର ମହକୁମା ଅତି ନିକଟତର ହେଉଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ବାଣିଜ୍ୟ ବ୍ୟବସାୟ ନିମନ୍ତେ ନିର୍ଭର କରିଥାନ୍ତି ଲୋକେ। ନୂଆଗଡ଼ ବ୍ଲକ ଅଞ୍ଚଳର ଲୋକେ ପଡ଼ୋଶୀ ଜିଲାକୁ କମ ଦୂରତା ସକାଶେ ବାଣିଜ୍ୟ ବ୍ୟବସାୟୀ କାରବାର କରିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ସୀମାବର୍ତ୍ତି ଉପାନ୍ତ ଦୁର୍ଗମ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ପ୍ରତି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିବା ସହିତ ତତ୍ପରତା ଦେଖାଉ ନଥିବାରୁ ଅଞ୍ଚଳର ଜନ ସାଧାରଣଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବିମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ବ୍ଲକ ଏବଂ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

## କଲ୍ୟାଣ ମଣ୍ଡପ ନିର୍ମାଣରେ ଅନିୟମିତତା ଅଭିଯୋଗ

ହିଞ୍ଜିଳିକାଟୁ, ୯।୭( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୪ ଓ ନଂ ୧୫ କେଉଟ ସାହିରେ ମିନି କଲ୍ୟାଣ ମଣ୍ଡପ ନିର୍ମାଣରେ ଅନିୟମିତତା ହେଉଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟର ଗୁଣବତ୍ତା ଦାବି କରି ଶୁକ୍ରବାର ସାହିବାସୀ ପୌର କାର୍ଯ୍ୟାଳୟରେ ଅଧକ୍ଷ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ଯନ୍ତ୍ରୀ ମାନସ ରଞ୍ଜନ ଦାସ ଓ ଦିଲୀପ କୁମାର ମିଶ୍ର ଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କଲ୍ୟାଣ ମଣ୍ଡପ ନିମାଣ ହୋଇଛି। ପ୍ରାୟ ୨ ମାସ ତଳେ କଲ୍ୟାଣ ମଣ୍ଡପର ବିଭିନ୍ନ ସ୍ଥାନରେ କାନ୍ଥ ଫାଟି ଯାଇଥିବା, ପେଭର ଟାଇଲ ଭାଙ୍ଗି ଯାଇଥିବା, ପୁରୁଣା ଟିଣ ଓ ନିର୍ମାଣ ସାମଗ୍ରୀ ବ୍ୟବହାର ଇତ୍ୟାଦି ହୋଇଥିବା ଅଭିଯୋଗ ହୋଇଛି। ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ ବ୍ୟାପକ ଅନିୟମିତତା ହୋଇଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ପୂର୍ବତନ କାଉନସିଲର ବିକ୍ରମ ବେହେରା, ପ୍ରମୋଦ କୁମାର ବେହେରା, ହିଂମାଶୁ ବେହେରା, ଘନଶ୍ୟାମ ବେହେରା, ପ୍ରକାଶ ବେହେରା, ଧ୍ରୁବଚରଣ ବେହେରା, ଶୁଭମ ବେହେରା, ନରସିଂହ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟର କିଛି ବିଲ୍ ଏ ପର୍ଯ୍ୟନ୍ତ ଠିକାଦାରଙ୍କୁ ପ୍ରଦାନ ହୋଇନାହିଁ, ସାହି ବାସିନ୍ଦାଙ୍କ ଦାବି ପରେ କାର୍ଯ୍ୟ ଅନୁଧ୍ୟାନ କରାଯିବ ଓ ଭାଙ୍ଗି ଯାଇଥିବା ଅଂଶ ପୁନଃନିର୍ମାଣ ପାଇଁ ଠିକାଦାରଙ୍କୁ କୁହାଯିବ ବୋଲି ଯନ୍ତ୍ରୀ ମାନସ ରଞ୍ଜନ ଦାସ କହିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାର୍ଥୀ ଦିବସ


ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ଏବିଭିପିର ସଦସ୍ୟା ଓ ସଦସ୍ୟ ବୃନ୍ଦ।

ଦିଗପହଣ୍ଡି,୯।୭(ଅଶେଷ ନାଥ ମିଶ୍ର)

ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରବିବାର ଦିଗପହଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧ ଶହରୁ ଊର୍ଦ୍ଧ୍ୱ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମେ ପରିଷଦର ଧ୍ୱଜାରୋହଣ କରାଯାଇଥିଲା। ପରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଏବିଭିପି ରାଜ୍ୟ ସହ – ସମ୍ପାଦକ ସ୍ୱାଗତ କୁମାର ତ୍ରିପାଠୀ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଓ ଆଦର୍ଶ ସମ୍ବନ୍ଧରେ କହିଥିଲେ। ଗଞ୍ଜାମ ଜିଲା ସଂଯୋଜକ ଅଜୟ ସେଠୀ ବିଦ୍ୟାର୍ଥୀ ପରିଷଦର ପରିଚୟ ଓ ପ୍ରଗତି ସମ୍ବନ୍ଧରେ ବିବରଣୀ ଉପସ୍ଥାପନ କରିଥିଲେ। ଦିଗପହଣ୍ଡି ନଗର ସଭାପତି ଅଶୋକ କୁମାର ଦୋରା ରାଷ୍ଟ୍ରର ପୁନଃ ନିର୍ମାଣରେ ବିଦ୍ୟାର୍ଥୀ ମାନଙ୍କ ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଗଞ୍ଜାମ ବିଭାଗ ସୋସିଆଲ ମିଡ଼ିଆ ସଂଯୋଜକ ସୁନୀଲ କୁମାର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବନ୍ଦେମାତରମ୍ ସଙ୍ଗୀତ ଗାନ କରାଯିବା ପରେ ଶିଶୁ ମନ୍ଦିର ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲା ସହ ସଂଯୋଜକ ଅମିତ ରଥ, ମନୋଜ ସ୍ୱାଇଁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝିଲେ ଜିଲାପାଳ


ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ

ଆର.ଉଦୟଗିରି, ୯।୭(ମନୋଜ କୁମାର ପାଢୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବ୍ଲକ ଅଧିକାରୀଙ୍କ ସହିତ ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଥମେ ଶବରପଲ୍ଲୀ ଗ୍ରାମରେ ଥିବା ଆଶ୍ରମ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ଏବଂ ପାଠପଢା ନେଇ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ଶୌଚାଳୟ ଓ ବିଦ୍ୟାଳୟର ପାଚେରି ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶବରପଲ୍ଲୀ ଗ୍ରାମ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରଙ୍କ ଯୋଜନାଗୁଡିକ ଲୋକଙ୍କ ପାଖରେ କିପରି ପହଞ୍ଚିବ ସେନେଇ ଲୋକଙ୍କୁ ପଚାରି ବୁଝିଥିଲେ। ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ, ଖାଉଟି କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବକାର୍ଡ ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୁବୁସିଂ ଗ୍ରାମରେ ଥିବା ତାଲଗୁଡା ସମିତି ବୁଲି ଦେଖିଥିଲେ। ଏହାପରେ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆଉଟଡୋର, ଡିଫେନ୍ସୱାର୍ଡ, ଲାବ୍‌ଇଷ୍ଟିମେଟ ଏବଂ ନୂତନ କୋଠା ନିର୍ମାଣ ନେଇ ଜାଗା ନିରୂପଣ ପାଇଁ ଆଲୋଚନା କରିଥିଲେ। ଆର.ଉଦୟଗିରି ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣ ହୋଇଥିବା ଅମୃତ ସରୋବରୋ ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ବିଡିଓ ଲରିମନ ଖର୍ସେଲ ଓ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ଉଦୟଭାନୁ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ବିଲ୍‌କୁ ନେଇ ଉପଭୋକ୍ତା ଅସନ୍ତୁଷ୍ଟ

ଗଞ୍ଜାମ,୯।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଟାଟା ପାୱାରର ବିଦ୍ୟୁତ ବିଲ୍‌କୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି। ପୂର୍ବରୁ ଉପଭୋକ୍ତାଙ୍କ ୩ଶହରୁ ୪ଶହ ଟଙ୍କା ବିଲ୍ ଆସୁଥିବା ବେଳେ ଚଳିତ ମାସରେ ହଜାର ହଜାର ଟଙ୍କା ବିଲ୍ ଆସିଥିବା ଅଭିଯୋଗ ହୋଇଛି। ସେହିପରି ଶସ୍ୟକ୍ଷେତ୍ରରେ ଲିଫ୍ଟ ଇରିଗେଶନରେ ମଧ୍ୟ ପୂର୍ବରୁ କମ ବିଲ୍ ଆସୁଥିବା ବେଳେ ଚଳିତ ମାସରେ ହଜାର ହଜାର ଟଙ୍କା ବିଲ୍ ଆସିଥିବା ଅଭିଯୋଗ କରିଛନ୍ତି ଗରିବ ଚାଷୀ। ପ୍ରତି ମାସରେ ବିଦ୍ୟୁତ୍ ରିଡିଂ ନେବା ବଦଳରେ ୫୨ ଓ ୮୧ ଦିନରେ ରିଡିଂ ନିଆଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଉପଭୋକ୍ତାମାନଙ୍କୁ ଅଧିକ କ୍ଷତି ସହିବାକୁ ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ସ୍ଥାନୀୟ ବିଦ୍ୟୁତ୍ ବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି ଗ୍ରାମବାସୀ। ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଜଣେ ହିଁ ଉପଭୋକ୍ତା ଅଭିଯୋଗ କରିଥିବା ଏବଂ ତା'ର ସମାଧାନ କରାଯିବ ବୋଲି ରମ୍ଭା ଡିଭିଜନ ବିଦ୍ୟୁତ ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

## ବୁଦ୍ଧଖୋଲରେ ମିଡିଆ କ୍ଲବର ସାଧାରଣ ବୈଠକ


ବୈଠକରେ ଉପସ୍ଥିତ ଖବରଦାତା।

ବୁଗୁଡ଼ା,୯।୭(କାଳୀ ଚରଣ ଦାଶ)

ବୁଗୁଡା ମିଡିଆ କ୍ଲବର ଏକ ସାଧାରଣ ବୈଠକ ବୁଦ୍ଧଖୋଲ ପାଦଦେଶସ୍ଥ ଅତିଥି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଅନିଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରଥମେ ଦିବଂଗତ ସାମ୍ବାଦିକ ଜଗନ୍ ମୋହନ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ପାଇଁ ନୂତନ ଅନ୍ ଲାଇନ୍ ପୋର୍ଟାଲ ଖୋଲାଯାଇଥିବାରୁ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରାଯିବା ସହ ଅବେଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଉପଦେଷ୍ଟା କାଳୀ ଚରଣ ଦାଶ, ଉପସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସହସଂପାଦକ ହର ପ୍ରସାଦ ପାଢୀ, କୋଷାଧ୍ୟକ୍ଷ ବିଶ୍ୱ ମୋହନ ମିଶ୍ର, ସଦସ୍ୟ ଅଭୟ ପ୍ରସାଦ ପାଣିଗ୍ରାହୀ, ଏସ. ଶିବ ପ୍ରସାଦ ଦୋରା, ରାମ ନାରାୟଣ ପାଣିଗ୍ରାହୀ, ହର ପ୍ରସାଦ ମହାପାତ୍ର, ସଞ୍ଜୀବ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା, ଟ୍ରାଫିକ୍ ସଚେତନ କାର୍ଯ୍ୟକ୍ରମ

ପୋଲସରା,୯।୭(ସୁବ୍ରତ ବେହେରା)

ପୋଲସରା ଥାନା ପରିସରରେ ରବିବାର ପୋଲସରା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଇପିଏସ୍ ବିନୋଦ ପଟେଲ ଓ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ସମସ୍ତ ଡ୍ରାଇଭରଙ୍କ ପାଇଁ ନିୟମ ହୋଇଥିବା ବାଇକ ଚଳେଇବା ବେଳେ ହେଲ୍‌ମେଟ ପିନ୍ଧିବା, ବେଲଟ୍ ଲଗେଇବା, ଟ୍ରାଫିକ ସିଗ୍ନାଲକୁ ନିହାତି ଜାଣିବା ଆବଶ୍ୟକ, ଡ୍ରାଇଭିଂ ସମୟରେ ମୋବାଇଲରେ କଥା ହେବା ନାହିଁ, ଏଆର ଫୋନ୍ ଲଗେଇବା ନାହିଁ, ସମସ୍ତେ ଗାଡ଼ିର କାଗଜପତ୍ର ନିଜର


କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ।

ଲାଇସେନ୍ସ ସମସ୍ତ କାଗଜ ପତ୍ର ସମ୍ପୂର୍ଣ୍ଣ ଭାବେ ଠିକ୍ ରଖିବା ଜରୁରୀ ବୋଲି କହିଥିଲେ। ୨୦୨୨ ମେ ମାସ ସୁଦ୍ଧା ୬୦ଟି ଦୁର୍ଘଟଣା ଜିଲାରେ ୨୭୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପୋଲସରା ଥାନା ଅଧିକାରୀ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗଞ୍ଜାମ ଜିଲାରେ ୨୦୨୩ ଜୁନ୍ ମାସ ଶେଷ ସୁଦ୍ଧା ୧୩୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଡ୍ରାଇଭର ସରକାରଙ୍କ ନିୟମକୁ ମାନି ଚଳିବା ନେଇ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବସ ମାଲିକ ସଂଘ ଓ ଓଡ଼ିଶା ଡ୍ରାଇଭର ମହାସଂଘର ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

## ଲଟାବୁଦାରେ ପରିପୂର୍ଣ୍ଣ ପ୍ରସିଦ୍ଧ ଦୋଳ ପୋଖରୀ

ପାରଳାଖେମୁଣ୍ଡି,୯।୭(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ଦୋଳପୋଖରୀ ଲଟାବୁଦାରେ ପରିପୂର୍ଣ୍ଣ ହୋଇପଡିଥିବା ଦେଖିବାକୁ ମିଳୁଛି। ଦୋଳ ପୋଖରୀ ପାରଳା ସହରର ଏକ ଐତିହାସିକ ପୋଖରୀ। ଏଠାରେ ଦୋଳପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ଯାତ୍ରା ହୋଇଥାଏ। ଏହି ପୋଖରୀର ରକ୍ଷଣାବେକ୍ଷଣ ପୂର୍ବରୁ ଦୋଳବନ୍ଧ ଉନ୍ନୟନ କମିଟି ଦ୍ୱାରା ଚାଲୁ ରହିଥିଲା। ହେଲେ ପୌରପରିଷଦ ଏହାକୁ ହାତକୁ ନେବା ପରେ ଉନ୍ନତି ହେବା ବଦଳରେ ଏହାକୁ ଲଟାବୁଦା ଘେରାକୁ ଠେଲି ଦିଆଯାଇଛି। ପୋଖରୀର ଉନ୍ନତିକରଣ ନାମରେ ୩ ରୁ ୪ ଥର ଲେଖାଏଁ ଠିକା ଦିଆଯାଇ କାମ କରାଯାଇଛି। ହେଲେ ଅଳ୍ପ କିଛି ମିଟର ପାଚେରି ନିର୍ମାଣ କରାଯାଇ ବାକି ଛାଡ଼ି ଦିଆଯାଇଛି। ଏହି ପୋଖରୀରେ ମାଛ ଧରି ପେଟ ପୋଷୁଥିବା ଲୋକେ ବର୍ତ୍ତମାନ ବେରୋଜଗାର ହୋଇପଡିଛନ୍ତି। ଦୋଳବନ୍ଧର ଉନ୍ନତି ପାଇଁ ବାରମ୍ବାର ପୌର ପରିଷଦର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ଫଳପ୍ରଦ ହେଉନଥିବା ସହରବାସୀ କହିଛନ୍ତି। ତେଣୁ ତୁରନ୍ତ ଏହି ପୋଖରୀ କିପରି ଲୋକଙ୍କ ଉପଯୋଗ ହୋଇପାରିବ ସେଥିପାଇଁ ପଦକ୍ଷେପ ନେବା ପାଇଁ ପୌରପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।


ଲଟାବୁଦାରେ ପରିପୂର୍ଣ୍ଣ ଦୋଳ ପୋଖରୀ।

# ଚାରାରୋପଣ କାର୍ଯ୍ୟକ୍ରମକୁ ଜଗିଛି ଡ୍ରୋନ୍

ଭଞ୍ଜନଗର, ୯।୭(ବାବୁଲା ପ୍ରଧାନ)


ଖଇରପଟି ଜଙ୍ଗଲରେ ଚାରାରୋପଣ ଚାଲିଛି।

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲର ଖୋଲା ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଛି। ଉଭୟ ବନଖଣ୍ଡରେ ୨୨୩୦ ହେକ୍ଟର ଜଙ୍ଗଲରେ ୮ ଲକ୍ଷ ୨୫ ହଜାର ୫୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ ହେବ। ଉକ୍ତ ଚାରାକୁ ବିଭାଗ ପକ୍ଷରୁ ୪ ବର୍ଷ ପର୍ଯ୍ୟନ୍ତ ତଦାରଖ କରାଯିବ। ଗଛକୁ ଜଗିବା ପାଇଁ ଦୁଇଜଣ ଅଗଷ୍ଟ ମାସରୁ ନିୟୋଜିତ ହେବେ। ଗଛ ବଡ ହେବା ପର୍ଯ୍ୟନ୍ତ ୪ ବର୍ଷ ଏହିଭଳି ତଦାରଖ କରାଯିବ। କାମ୍ପା ଯୋଜନାରେ ବର୍ତ୍ତମାନ ଚାରାରୋପଣ ହେଉଛି। ଏଥିସହ ନଦୀ ଏବଂ ନାଳ ଆଡିବନ୍ଧରେ ମଧ୍ୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଚାରାରୋପଣ ହେବ। କାମ୍ପା ଯୋଜନାରେ ଚାରାରୋପଣ ସରିବା ପରେ ଆଡିବନ୍ଧରେ ଚାରାରୋପଣ ହେବ। ବିଗତ କିଛି ଦିନ ହେବ ଭଞ୍ଜନଗର ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇଛି। କିନ୍ତୁ ଜୁନ ମାସ ଶେଷ ଆଡ଼କୁ ଜଙ୍ଗଲରେ ଲଗାଯାଇଥିବା ଚାରାଗୁଡିକର ଅବସ୍ଥା କେତେକ ସ୍ଥାନରେ ଭଲ ନାହିଁ। ବର୍ଷା ପାଣି ଅଭାବ ଥିବା ବେଳେ ଅନ୍ୟପଟେ ଟ୍ୟାଙ୍କର ଯୋଗେ ଜଙ୍ଗଲ ଭିତରେ ନେଇ ଗଛକୁ ପାଣି ଦେବା ସମ୍ଭବପର ହୋଇପାରିଲା ନାହିଁ। ତେଣୁ କେତେକ ସ୍ଥାନରେ ବର୍ଷା ପୂର୍ବରୁ ଲାଗିଥିବା ଗଛ ମରିଗଲାଣି। ତେଣୁ ଉକ୍ତ ସ୍ଥାନରେ ଅନ୍ୟ କୌଣସି ଯୋଜନାରେ ନୂଆ ଗଛ ଲଗାଇବା ଆବଶ୍ୟକତା ରହିଛି। ଅପରପକ୍ଷେ ଚାରାରୋପଣ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଆଣିବା ପାଇଁ ଡ୍ରୋନ୍ ବ୍ୟବହାର କରାଯାଉଛି। ଯେଉଁ ଜଙ୍ଗଲର ଖୋଲା ସ୍ଥାନରେ ଚାରାରୋପଣ ହେବ ସେଥିରେ ପ୍ରଥମେ ଡ୍ରୋନ ସହାୟତାରେ ଜିପିଏସ୍ ରିଡିଂ ନିଆଯାଉଛି। ଏହାପରେ ଗାତ ଖୋଳା ହେଉଛି। ପୁଣି ଜିପିଏସ ରିଡ଼ିଙ୍ଗ ନିଆଯାଉଛି । ଗଛ ଲଗାଇବା ପରେ ପୁଣି ଜିପିଏସ ରିଡ଼ିଙ୍ଗ ନିଆଯାଉଛି । ଏହିଭଳି ବାରମ୍ବାର ଡ୍ରୋନ ସହାୟତାରେ ଜିପିଏସ ରିଡିଂ ନିଆଯିବା ଦ୍ୱାରା ପୂର୍ବ ଅପେକ୍ଷା କାର୍ଯ୍ୟରେ ଅଧିକ ସଚ୍ଛତା ଆସୁଥିବା ଜଣାପଡିଛି।

■ ୨୨୩୦ ହେକ୍ଟର ଜଙ୍ଗଲରେ ଚାରାରୋପଣ
■ ୪ ବର୍ଷ ତଦାରଖ ହେବ, ଚାରାରୋପଣରେ ସ୍ୱଚ୍ଛତା ଆସୁଛି

**ଏସ୍‌ଭିଟି ହାଇସ୍କୁଲରେ ବନ ମହୋତ୍ସବ**

ପାରଳାଖେମୁଣ୍ଡି, (ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଠାରେ ଥିବା ଶ୍ରୀ ଭେଙ୍କଟେଶ୍ୱର ହାଇସ୍କୁଲରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. କିଶୋର କୁମାର, ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କ ପରିଚାଳକ ଏଲ.କିଶୋର, ଗାରବନ୍ଧ ବନ ବିଭାଗର ରେଞ୍ଜର କାମେଶ୍ୱର ରାଓ, କବିତା ଦେବୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ତିରୁମଲା ରାଓ ପଟ୍ଟନାୟକ ସଭାପତିତ୍ୱ କରିଥିଲେ।

## ଆଜି କ'ଣ କେଉଁଠି

ବୁଗୁଡ଼ା
- ୭୪ ତମ ବନମହୋତ୍ସବ। ସ୍ଥାନ-ପିପୁଲ୍ସ କଲେଜ,ସମୟ-ପୂର୍ବାହ୍ନ ୧୧ଟା

ଆସିକା
- ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର, ସ୍ଥାନ-ପଞ୍ଚାୟତ ସମିତି ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।

## ପୋଲିସ ଚାକିରି ଦେବା ନାଁରେ ଠକେଇ

**ହିଞ୍ଜିଳିକାଟୁ,୯।୭(ଦ୍ୱିତୀକୃଷ୍ଣ ପଣ୍ଡା):** ପୋଲିସ ଚାକିରି କରାଇଦେବା ନାଁରେ ୧୨ଲକ୍ଷ ୩୦ହଜାର ଟଙ୍କା ଠକେଇ ହୋଇଥିବା ନେଇ ହିଂଜିଳି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ବଳରାମ ସାହୁଙ୍କ ଜଣେ ସମ୍ପର୍କୀୟ କବିସୂର୍ଯ୍ୟନଗର ନିକଟ ଡେଙ୍ଗାପଦର ଗ୍ରାମର ବଳାରାମଙ୍କ ପୁତୁରାଙ୍କୁ ପୋଲିସ ଚାକିରି କରାଇଦେବାକୁ କହି ୨କିସ୍ତିରେ ୧୨ଲକ୍ଷ ୩୦ହଜାର ଟଙ୍କା ୨୦୨୦ରୁ ନେଇଥିଲେ। ତେବେ ଚାକିରି ଦେବା ଦୂରରେ ଥାଉ, ତାଙ୍କର ଖୋଜ ଖବର ନାହିଁ। ବଳରାମଙ୍କ ଅଭିଯୋଗ ପ୍ରକାରେ ଥାନାରେ ନଂ. ୪୮୩/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଅପଗ୍ରେଡ୍ ପାଇଲା ରାମାୟପାଟଣା ବିଦ୍ୟାଳୟ

**ଚିକିଟି,୯।୭(ପ୍ରକାଶ ଚନ୍ଦ୍ର ସାହୁ):** ଚିକିଟି ବ୍ଲକ ଅନ୍ତର୍ଗତ ସମୁଦ୍ରତଟବର୍ତ୍ତୀ ରାମାୟପାଟଣା ପ୍ରାଥମିକ ବିଦ୍ୟାଳୟ ଅପଗ୍ରେଡ଼ ପାଇଥିବା ବିଇଓ କାର୍ଯ୍ୟାଳୟରୁ ଜଣାପଡିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ଯାଏ ଉଭୟ ଓଡ଼ିଆ ଓ ତେଲୁଗୁରେ ଶିକ୍ଷାଦାନ ହେଉଥିଲା। ପଞ୍ଚମଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନଙ୍କୁ ବାହୁଦା ନଦୀ ପାର ହୋଇ କତୁରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାୟ ୫ କିମି ଦୂର ସାନଚନ୍ଦନବାଡ଼ ବିଦ୍ୟାଳୟକୁ ଯିବାକୁ ପଡୁଥିଲା। ଛାତ୍ରୀଛାତ୍ର ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟାତକୁ ଆଖି ଆଗରେ ରଖି ଶିକ୍ଷା ବିଭାଗ ପକ୍ଷରୁ ଅପଗ୍ରେଡ଼ କରି ଅଷ୍ଟମଶ୍ରେଣୀ ଯାଏ ଖୋଲିଛନ୍ତି। ଉକ୍ତ ବିଦ୍ୟାଳୟକୁ ଚିକିଟି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ଷଷ୍ଠ ଶ୍ରେଣୀରେ ୨୦ ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ବିଇଓ ସୂଚନା ଦେଇଛନ୍ତି।

## ନିଖିଳ ଓଡ଼ିଶା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ

**ଗୋପାଳପୁର,୯।୭(ନବୀନ ରାଜ ଆଚାରୀ):** ଗୋପାଳପୁର ଠାରେ ନିଖିଳ ଓଡ଼ିଶା ଆଇନ ଜିବୀ ସଂଘର ତୃତୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ହାଇକୋର୍ଟର ମାନସ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିଲା। ଚଳିତ ବର୍ଷ ସଂଘର ବାର୍ଷିକ ସମ୍ମିଳନୀ କଟକ, ବାଲେଶ୍ୱର ଓ ବାରିପଦାରେ କରାଯିବା ନେଇ ଆଲୋଚନା ମଧ ହୋଇଛି। ଦିଲ୍ଲୀ, କେରଳ, ତେଲେଙ୍ଗାନା ରାଜ୍ୟରେ ଓକିଲ ମାନଙ୍କ ସାମାଜିକ ନିରାପତ୍ତା ପାଇଁ ସରକାର ପଦେକ୍ଷେପ ନେଉଥିବା ବେଳେ ଓଡ଼ିଶାରେ ସରକାର ଚୁପ ରହିଛନ୍ତି। ଓକିଲଙ୍କ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରିବା ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ଦୁର୍ଘଟଣା ରାଶିକୁ ବୃଦ୍ଧିକରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି ଏବଂ ଓକିଲଙ୍କ ବିଭିନ୍ନ ସମସ୍ୟା ବିଷୟରେ ସଂଘର ଦାବି ଓ ଓକିଲଙ୍କ ଉତ୍ତର ଦାୟିତ୍ୱ ସରକାର ବୁଝନ୍ତୁ ବୋଲି କୁହାଯାଇଛି। ଭୁବନେଶ୍ୱରରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ମଧ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ପୀତବାସ ପଣ୍ଡା, ଗୋପାଳ ପଣ୍ଡା, ଜ୍ୟୋତି ରଥ, ଅକ୍ଷୟ ପତି, ପ୍ରଦୀପ ପଟ୍ଟନାୟକ, ନିରଞ୍ଜନ ନାୟକ, ନିର୍ମଳ ସାହୁ, ସୁଶାନ୍ତ ବରାଡ଼, ରଘୁନାଥ ପାଣିଗ୍ରାହୀ, ପ୍ରଦୀପ ଶତପଥୀ, ପ୍ରଦୀପ ପଣ୍ଡା, ବରୁଣ ଗୌଡ଼, ଅନୀଲ ପରିଡ଼ା, ପ୍ରକାଶ ଦାଶ, ଅରୁଣ ରାଉତ, ଶ୍ରଦ୍ଧାଞ୍ଜଳି ସାହୁ, ସୂର୍ଯ୍ୟମିଶ୍ର, ପ୍ରଶାନ୍ତ ନନ୍ଦ, ଦେବରାଜ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ହିଲଟପ କଲେଜରେ ବନ ମହୋତ୍ସବ

**ମୋହନା,୯।୭(ମନ୍ମଥ ମିଶ୍ର):** ସ୍ଥାନୀୟ ହିଲଟପ ସ୍ନାତକ ମହାବିଦ୍ୟାଳୟରେ ୭୪ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ୮୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମହାବିଦ୍ୟାଳୟ ପରିସରରେ ୫୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଶିବଶଙ୍କର ସୁଖବିନ୍ଦର ସିଂ, ଅଧ୍ୟାପିକା ରୀତାକୁମାରୀ ଶତପଥୀ, ସ୍ୱର୍ଣ୍ଣପ୍ରଭା ସାହୁ ଓ କର୍ମଚାରୀ ସହଯୋଗ କରିଥିଲେ।

# ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଫୁଲବାଣୀ, ୯।୭(ରାକେଶ କୁମାର ରାଉତ)**

- ଦୁର୍ଘଟଣାରେ ପଙ୍ଗୁ ହୋଇଥିଲେ
- ମିଳୁନି ଆର୍ଥିକ ସହାୟତା



ଯୁଗଳ

କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାରେ ପଙ୍ଗୁ ହେଲେ । ସେ ପୁଣି ସରକାରଙ୍କ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର । ଆଜି ଯାଏ ନା ତାଙ୍କୁ ମିଳିଛି ସରକାରୀ ସହାୟତା ନା କୌଣସି ପ୍ରୋତ୍ସାହନ ରାଶି । ବହୁ ଅସୁବିଧାରେ ସେ ଜୀବନ ବିତାଉଛନ୍ତି। ଏପରିକି ତାଙ୍କ ଚିକିତ୍ସା ସେବା ହୋଇପାରୁନି । ଚ଼ିକିତ୍ସା ପାଇଁ ଆବଶ୍ୟକ ହେଉଛି ଅର୍ଥ । ଯାହା ତାଙ୍କ ପାଖରେ ନାହିଁ। ଏଭଳି ଏକ ଘଟଣା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଦେଖିବାକୁ ମିଳିଛି । ସେ ହେଲେ ଫିରିଙ୍ଗିଆ ବ୍ଲକ ବନ୍ଧଗଡ ଗାଁର ମଙ୍ଗିରା ବେହେରାଙ୍କ ପୁଅ ଯୁଗଳ ।

ଯୁଗଳ କନ୍ଧମାଳ ଜିଲା କ.ନୂଆଁଗାଁ ବ୍ଲକ ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଭାବରେ କାର୍ଯ୍ୟରତ ଥିଲେ । ଗତ ବର୍ଷ ନିଜ ଭିଣୋଇଙ୍କୁ ବାଲିଗୁଡାରୁ ଛାଡି ଏକ ବାଇକ ଯୋଗେ କାର୍ଯ୍ୟରେ ଯୋଗ ଦେବା ପାଇଁ ଆସୁଥିଲେ । ସାରଙ୍ଗଗଡ ବାଲିଗୁଡା ମୁଖ୍ୟ ରାସ୍ତାର ନୂଆଁଗାଁ ନିକଟରେ ଥିବା କାରମେଲ ସ୍କୁଲ ନିକଟ ବୁଲାଣିରେ ଏକ ଅଜଣା ବୋଲେରୋ ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ସାରଙ୍ଗଗଡ ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ବର୍ଷେ ହେଲା ପରିବାର ଲୋକେ ତାଙ୍କ ଚିକିତ୍ସା କରିଆସୁଥିଲେ ମଧ ସ୍ୱାସ୍ଥ୍ୟବସ୍ଥାରେ କୌଣଷି ସୁଧାର ଆସିଲା ନାହିଁ । ପରିବାର ଲୋକେ ଜମି ବାଡି ବନ୍ଧକ ରଖି ବିଶାଖାପାଟଣା ଚକିତ୍ସା ପାଇଁ ନେଇଥିଲେ । ତଥାପି କୌଣଷି ସୁଫଳ ମିଳିଲା ନାହିଁ । ବର୍ତ୍ତମାନ ଅର୍ଥ ଅଭାବରୁ ଯୁଗଳଙ୍କ ଚିକିତ୍ସା କାରିପାରୁ ନାହାଁନ୍ତି ପରିବାର ଲୋକେ । ଯୁଗଳଙ୍କ ଦୁଇ ହାତ ଓ ଦୁଇ ଗୋଡ କାମ କରୁ ନ ଥିବା ବେଳେ ଆସାବାଡି ଏବେ ସାହାରା ସାଜିଛି । ଅସହାୟ ଜୁଗଳ ଘରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ, ଝିଅ ଓ ସ୍ତ୍ରୀ ରହିଛନ୍ତି । ଗୋଟେପଟେ ପରିବାର ବୋଝ ଓ ଅନ୍ୟପଟେ ଯୁଗଳଙ୍କ ଏହି ଅବସ୍ଥା ପାଇଁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଦୁର୍ଘଟଣା ପରଠାରୁ ଯୁଗଳଙ୍କ ପରିବାର ସରକାରୀ ସାହାର୍ଯ୍ୟ ପାଇଁ ଅନେକ ଯାଗାରେ ହାତ ପତେଇ ସାରିଲେଣି । କିନ୍ତୁ ଆଜି ଯାଏ ତାଙ୍କୁ ସରକାରୀ ସାହାଯ୍ୟ କିଛି ମିଳିନାହିଁ। ଯୁଗଳ ସମ୍ପୂର୍ଣ୍ଣ ଭାବରେ ଅପାଙ୍ଗ ହୋଇପଡି ରହିଛନ୍ତି। ସରକାରୀ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି।

# ଡେଙ୍ଗୁ, ଡାଇରିଆ ନିୟନ୍ତ୍ରଣ ଓ ନିରାକରଣ ବୈଠକ

**ପାରଳାଖେମୁଣ୍ଡି,୯।୭(ଗିରିଧାରୀ ପରିଛା)**

ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ଓ ନିରାକରଣ ଲାଗି ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେଠାରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପ୍ରଦୀପ କୁମାର ପାତ୍ର ଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଯାନ୍ତ୍ରିକ) ଜିଲା ପରିଷଦ ଜ୍ୟୋତିରାଜ ଅଧିକାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଜିଲାରେ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ଲାଗି ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ସହିତ ପୌରାଞ୍ଚଳରେ ସ୍ୱଚ୍ଛତା, ଡ୍ରେନ ସଫେଇ ଉପରେ ଜିଲାପାଳ ଅଧିକ ଗୁରୁତ୍ୱ ଦେଇଛନ୍ତି। ପରିବେଶ ସ୍ୱଚ୍ଛତା ରଖିବା ନିମନ୍ତେ ଆବଶ୍ୟକ ରହିଛି ବୋଲି କୁହାଯାଇଛି। ଡେ଼ଙ୍ଗୁ ଜ୍ୱରର ପ୍ରାଥମିକ ଲକ୍ଷଣ ଦେଖାଯିବା ମାତ୍ରେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କୁହାଯାଇଛି। ଜିଲାରେ ୨୦୨୨-୨୩ରେ ୧୦୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମୋହନା, ଗୋଷାଣୀ ଓ ପାରଳାଖେମୁଣ୍ଡିରେ ଅଧିକ ଚିହ୍ନଟ ହୋଇଛି। ସେହିପରି ଡେଙ୍ଗୁ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଗାଁ କଲ୍ୟାଣ ସମିତି ମାଧ୍ୟମରେ ପ୍ରତି ଗାଁରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ମାଧ୍ୟମରେ ସଫେଇ କରାଯିବ ଏବଂ ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ପରିସ୍କାର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଶେରଗଡ଼ ପଞ୍ଚାୟତ ସମିତି ବୈଠକ

**ଶେରଗଡ, ୯।୭(ସୂର୍ଯ୍ୟନାରାୟଣ ଦାଶ)**

ଶେରଗଡ ପଞ୍ଚାୟତ ସମିତି ବୈଠକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିପିଓ ଦାୟିତ୍ୱରେ ଥିବା ରବିକୁମାର ପୂର୍ବ ସମିତି ବୈଠକର ବିବରଣୀ ପାଠ କରିଥିଲେ। ଜଳ ପରିମଳ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକ ବିଭିନ୍ନ ସ୍ଥାନରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସଂପର୍କରେ ମତ ଉପସ୍ଥାପନ କରିଥିଲେ। ଶେରଗଡ, ଅଲାରିଗଡ, ପିତଳ, କରଞ୍ଜେଇ, ମା' ତାରାତାରିଣୀ ପୀଠ, କରଡାକଣା, ଝିଙ୍କାରୀଆ ପୀଠର ଉନ୍ନୟତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେରଗଡ଼ରେ ନିୟମିତ ବିଇଓ ନଥିବା ଯୋଗୁଁ ଶିକ୍ଷା ବିଭାଗରେ ବହୁ ବାଧା ଆସୁଛି ବୋଲି ସମିତିସଭ୍ୟ ମାନେ ଅଭିଯୋଗ କରିଥିଲେ। ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଠିକ ଭାବେ ତଦାରଖ କରିବା ପାଇଁ ସିଡିପିଓ ଗୀତାଞ୍ଜଳି ରାଉଳଙ୍କୁ କୁହାଯାଇଥିଲା। ବିଡିଓ ଶିବାଶିଷ ବରାଳ, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସାଧୁସ୍ମିତା ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମିତିସଭ୍ୟା ସବିତାରାଣୀ ଚୌଧୁରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଉଦ୍ୟୋଗୀ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଗଞ୍ଜାମ, ୯।୭(ବିଦ୍ୟାଧର ସାହୁ)**

ଗଞ୍ଜାମ ସହର ଭାରତୀ ବିଦ୍ୟାପୀଠ ସଭାଗୃହ ମଧରେ ସ୍ଥାନୀୟ ଗ୍ରାସୀମ କମ୍ପାନୀ ପକ୍ଷରୁ ଗଞ୍ଜାମ ଏନ୍‌ଏସି ସହଯୋଗରେ ମହିଳା ଉଦ୍ୟୋଗୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସି ଅଧକ୍ଷା ପ୍ରତିଭା ପାଢ଼ୀ, ଉପାଧକ୍ଷ ସୁରେନ୍ଦ୍ର କୁମାର ବାରିକି, ଗ୍ରାସୀମ କମ୍ପାନୀ ଏଚ୍‌ଆର୍ ହେଡ୍ ନିରଜ ପଟ୍ଟନାୟକ, ସିଏସ୍‌ଆର୍ ମୁଖ୍ୟ ପ୍ରବୀଣ ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ଶିବିରର ପ୍ରଶିକ୍ଷକ ଭାବେ ନୀହାର ରଞ୍ଜନ ଓଝା ଯୋଗଦେଇ ବିଭିନ୍ନ କ୍ଷୁଦ୍ର ପ୍ରକଳ୍ପ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ପ୍ରକଳ୍ପ ମାଧ୍ୟମରେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ବୁଝାଇଥିଲେ। ପ୍ରୋଜେକ୍ଟର ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏନ୍‌ଏସି ଇଓ ମିଶ୍ର ପ୍ରଶିକ୍ଷଣ ହିଁ ଜଣେ ମହିଳାଙ୍କୁ ରୋଜଗାରର ବାଟ ଦେଖାଇଥାଏ ବୋଲି କହିଥିଲେ। କାଉନ୍‌ସିଲର ଏସ. ଚନ୍ଦ୍ରଶେଖର, ସଂଯୁକ୍ତା ଦାଶ, ସୁଜାତା ମହାନ୍ତି, ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସିଇଓ ସ୍ୱପ୍ନାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁକ୍ତା ସଂଯୋଜକ ଚିନ୍ମୟ ପୃଷ୍ଟି, ସାନିଟେସନ ଏକ୍ସପର୍ଟ ସୁମିତ କୁମାର ବେହେରା, ସିଏମ୍‌ଏମ୍ ଭାଗ୍ୟଶ୍ରୀ ନାୟକ, ଉତ୍ତମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାଞ୍ଚନେଶ୍ୱର ବିଦ୍ୟାଳୟରେ ବନ ମହୋତ୍ସବ

**ରମ୍ଭା,୯।୭(ବନବାସୀ ସେଠୀ)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ଗ୍ରାମପଞ୍ଚାୟତ ଅଧୀନ ଶ୍ରୀ କାଞ୍ଚନେଶ୍ୱର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୪ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅମୂଲ୍ୟ ମହାରଣାଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ବେହେରା ଛାତ୍ରୀଛାତ୍ରଙ୍କୁ ବନମହୋତ୍ସବର ମହତ୍ତ୍ୱ ଏବଂ ଏହି ସମୟରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଏଲ. ଲବ କୁମାର ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରକାଶ କୁମାର ପ୍ରଧାନ, ସେବାକାନ୍ତ ନନ୍ଦ, ବିଭୁତି ଚରଣ ବେହେରା, ଅଶୋକ କୁମାର ବେହେରା ଏବଂ କାର୍ଯ୍ୟରତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଶିକ୍ଷକ ଅଭିରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚବୃକ୍ଷ ପ୍ରତିଷ୍ଠା ଉତ୍ସବ

**କବିସୂର୍ଯ୍ୟନଗର,୯।୭(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ସ୍ୱପ୍ନେଶ୍ୱର ପରିବା ମାର୍କେଟରେ ଶନିବାର ପଞ୍ଚବୃକ୍ଷ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱପ୍ନେଶ୍ୱର ବାଣିଜ୍ୟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ନ ଯଜ୍ଞରେ ହଜାର ହାଜର ଲୋକ ପ୍ରସାଦ ସେବନ କରିଲେ। ପୂର୍ବାହ୍ନରେ ଏନ୍‌ଏସିର ସମସ୍ତ କାଉନସିଲର, ଅଧକ୍ଷା, ଉପାଧକ୍ଷ ଉତ୍ସବରେ ଯୋଗ ଦେଇଥିଲେ। ଉତ୍ସବ ଶେଷରେ କୋଦଳାର ପୂର୍ବତନ ନଗରପାଳ ହର ପ୍ରସାଦ ସାହୁ, ସୁନିତା ପ୍ରଭା ସାହୁ, ରଞ୍ଜିତା ସାହୁ, ସ୍ମୃତି ରଞ୍ଜନ ସାହୁ, ଯୋଗ ଦେଇଥିଲେ। ପ୍ରଥମେ ଉତ୍ସବ ସ୍ଥଳରେ ପହଞ୍ଚିବା ପୂର୍ବରୁ ଶହ ଶହ ଶୁଭେଚ୍ଛୁ ସହକର୍ମୀ ହର ପରିବାରକୁଙ୍କୁ ସ୍ୱାଗତ କରି ନେଇଥିଲେ ଏବଂ ସ୍ଥାନୀୟ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କବିସୂର୍ଯ୍ୟନଗରର ବହୁ ଲୋକ ହର ସାହୁଙ୍କୁ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଅନୁରୋଧ କରିଥିଲେ। ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୋତି ହୋଇଛି ଡ୍ରେନ୍, ରାସ୍ତାରେ ନର୍ଦ୍ଦମା ପାଣି

**ଜଗନ୍ନାଥପ୍ରସାଦ,୯।୭(ବିଭୂ ପ୍ରସାଦ ପଟ୍ଟନାୟକ)**

ଜଗନ୍ନାଥପ୍ରସାଦରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କରଞ୍ଜେଇ ଛକ, ହାଇସ୍କୁଲ ଛକ, ଲକ୍ଷ୍ମୀ ବଜାର, ମୁଖ୍ୟ ବଜାର ଛକ, ବ୍ଲକ ଛକ, ପାଇକସାହି, ଜଳିସାହି, ଗଡ଼ସାହି, ବଡଦାଣ୍ଡ ଛକରେ ଡ୍ରେନର ନର୍ଦ୍ଦମା ପାଣି ଭାସୁଛି। ଖାଲଖମା ରାସ୍ତା ଯୋଗୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି, ଦୀର୍ଘବର୍ଷ ଧରି ସାହିର ଡ୍ରେନଗୁଡିକ ସଫା କି ମରାମତି ହୋଇନାହିଁ। ଡ୍ରେନଗୁଡ଼ିକରେ ବାଲି, ଗୋଡ଼ି, ପଲିଥିନ ଅଳିଆ ଆବର୍ଜନା ପଡ଼ି ପୋତି ହୋଇଗଲାଣି। ଫଳରେ ମଇଳା ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି। ୱାର୍ଡ ନଂ. ୧୫, ୧୬, ୧୩ର ଡ୍ରେନଗୁଡିକରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଥିଲେ ମଧ ତାହାକୁ ହଟାଯାଉନାହିଁ। କେବଳ ମୁଖ୍ୟ ବଜାର ଅଳିଆ ଆବର୍ଜନା ସଫା କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନେକ ସମୟରେ ମୁକୁଳା ଓ ଡ୍ରେନ୍ ପ୍ଲେଟ ଭାଙ୍ଗି ଯାଇଥିବା ମଧ ଦେଖିବାକୁ ମିଳୁଛି। ମେଡିକାଲ ମୁଖ୍ୟ ଫାଟକର ନିର୍ମାଣ କାର୍ଯ୍ୟରେ ବାଲି ସିମେଣ୍ଟ ପ୍ଲାଷ୍ଟର, ଗୁଡ଼ି, ମାଟି ଭିତରେ ପଡିରହି ପୋତି ହୋଇଯାଇଥିବା ବେଳେ ଅନେକ ଜାଗାରେ ଜାଣି ଶୁଣି ମାଟି ଭର୍ତ୍ତି କରି ଦିଆଯାଇଛି। ଏନେଇ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ସହ ଯୋଗାଯୋଗ କରିବାରୁ ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ଆଗକୁ ରାସ୍ତା ସମ୍ପ୍ରସାରଣ ହେବାକୁ ଥିବାରୁ ଡ୍ରେନ ମରାମତି କରାଯାଇନି ବୋଲି ଉତ୍ତର ରଖିଥିଲେ।



ପୋତି ହୋଇଯାଇଥିବା ଡ୍ରେନ।

## ଆବାସ ଯୋଜନା ସଚେତନତା

**ଆର.ଉଦୟଗିରି,୯।୭(ମନୋଜ କୁମାର ପାଢୀ)**

ଆର,ଉଦୟଗିରିର ଛେଳିଗଡ ପଞ୍ଚାୟତ ଗଡର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବିଡିଓ ଲରିମନ ଖର୍ସେଲ ଯୋଗ ଦେଇଥିଲେ। କେଉଁମାନେ ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ ହୋଇପାରିବେ, ଜଣେ ହିତାଧିକାରୀଙ୍କୁ କେତେ ଟଙ୍କା ମିଳିବ, କେତେଦିନ ମଧରେ କାମ ସରିଲେ ସରକାରଙ୍କ ପକ୍ଷରୁ ଅଧିକ ପ୍ରୋତ୍ସାହନ ରାଶି ମିଳିବ ସେ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି ବୁଝାଇଥିଲେ। ଏହି ଅବସରରେ ଜଣେ ହିତାଧିକାରୀଙ୍କ ନୂତନ ଆବାସର ଭୂମି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମୀଣ ଆବାସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାଣି ନିଷ୍କାସନ ପାଇଁ ଖୋଲାଗଲା ଅସ୍ଥାୟୀ ଡ୍ରେନ୍

**ଦାରିଙ୍ଗବାଡି, ୯।୭(ଅରୁଣ ସାହୁ)**

ଦାରିଙ୍ଗବାଡି ବଜାର ଦେଇ ଯାଇଥିବା ୫୯ ନଂ ଜାତୀୟରାଜପଥର ତ୍ରୁଟିପୂର୍ଣ୍ଣ ରାସ୍ତା ସମ୍ପ୍ରସାରଣ ଯୋଗୁ ମାତ୍ର ୧୦ ମିନିଟ ବର୍ଷାରେ ପାଣି ଜମି ଯାତାୟାତରେ ସମସ୍ୟା ଦେଖାଯାଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶିତ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ତତ୍ପରତା ଦେଖାଯାଇଛି। ତରବରିଆ ଭାବେ ସ୍ଥାୟୀ କାମ ବଦଳରେ ବିଭାଗ ପକ୍ଷରୁ ଡ୍ରେନ୍‌ର ଏକାଧିକ ସ୍ଥାନରେ ବଡ଼ ବଡ଼ ଗାତ କରି ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇଛି। ଫଳରେ ପୁଣି ବଡଧରଣର ବର୍ଷାପଡିଲେ ବର୍ଷାଜଳ ତ ନିଷ୍କାସନ ହୋଇଯିବା ସମ୍ଭାବନା ରହିଛି, କିନ୍ତୁ ଯେଉଁଭଳି ଡ୍ରେନ ଉପରେ ପକାଯାଇଥିବା ସିମେଣ୍ଟ ପ୍ଲେଟ ଓ ତା' ଉପରେ ସୌନ୍ଦର୍ଯ୍ୟ ପାଇଁ ପେବରବ୍ଲକ ଉପରେ ଓ ରାସ୍ତା କଡ ଡ୍ରେନରେ ହୋଲ କରାଯାଇଛି ସେଥିରେ ପିଲା କିମ୍ବା ବଡ଼ମାନେ ଅସାବଧାନତା ହୋଇ ଚାଲିଲେ ଖାଲରେ ପଡିବା ଆଶଙ୍କା କରାଯାଇଛି ବୋଲି ଦାରିଙ୍ଗବାଡି ତିନିଛକ ଅଞ୍ଚଳର ଆଇନଜୀବୀ ହରେନ କୁମାର ସାହୁ କହିଛନ୍ତି। ଏହି ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ୍‌ର ମରାମତି କରାଯିବା ପାଇଁ ଗ୍ରାମର ସୁଧୀର ସାହୁ, ଚେତନ ବେହେରା, ମନୋଜ ବେହେରା ପ୍ରମୁଖ ଦାବି କରିଛନ୍ତି। ଦାରିଙ୍ଗବାଡି ଲକ୍ଷ୍ମୀ ବଜାରର ଦେବାଶିଷ ସାହୁ କହିଛନ୍ତି ଯେ ରାସ୍ତା ସମ୍ପ୍ରସାରଣ ବେଳେ ନିମ୍ନ କାର୍ଯ୍ୟ କରାଯାଉଥିବା ସେ ଓ ଅନ୍ୟମାନେ ଅଭିଯୋଗ କରିଥିଲେ ସୁଦ୍ଧା ଠିକାଦାରି ସଂସ୍ଥା ଲୋକଙ୍କ ଅଭିଯୋଗକୁ ଖାତିର ନ କରି ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି ଉକ୍ତ କାର୍ଯ୍ୟକୁ ନିଶ୍ଚିତ ସମାଧାନ କରିବେ ।

# ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରତି ପାତରଅନ୍ତର ଅଭିଯୋଗ

**ବ୍ରହ୍ମପୁର,୯।୭(ସ୍ମୃତି ରଞ୍ଜନ ମହାଲିକ)**

ରାଜ୍ୟ ସରକାର ପୁରାତନ ଓ ପ୍ରସିଦ୍ଧ ମନ୍ଦିର ଗୁଡିକର ପର୍ଯ୍ୟାୟ କ୍ରମେ ରୂପାନ୍ତରଣ କାର୍ଯ୍ୟ ହାତକୁ ନେଇଛନ୍ତି। ଏହି ମର୍ମରେ ସରକାରଙ୍କ ପକ୍ଷରୁ ବୁଢ଼ୀ ଠାକୁରାଣୀ ମନ୍ଦିରର ଉନ୍ନତିକରଣ ପାଇଁ ୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି, ଯାହାକି ଅନ୍ୟ ଜିଲାର ମନ୍ଦିର ଉନ୍ନୟନ ବଜେଟ ଠାରୁ କମ ବୋଲି ସହରତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଏହା ସରକାରଙ୍କ ବ୍ରହ୍ମପୁର ପ୍ରତି ଚରମ ଅବହେଳା ଓ ବୈମାତୃକ ମନୋଭାବର ପରିଚୟ ବୋଲି କମିଟି ଅଭିଯୋଗ କରିଛି। ବୁଢ଼ୀ ଠାକୁରାଣୀ ମନ୍ଦିର ଦକ୍ଷିଣ ଓଡିଶାର ଏକ ପ୍ରମୁଖ ମନ୍ଦିର। ଏହାସହ ଅନେକ କିମ୍ବଦନ୍ତୀ ଜଡିତ ରହିଛି। ଏହି ମନ୍ଦିରକୁ କେବଳ ଓଡିଶା ନୁହେଁ ପଡୋଶୀ ଆନ୍ଧ୍ର ପ୍ରଦେଶରୁ ମଧ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି।

ସରକାର ଅନ୍ୟ ମନ୍ଦିର ଓ ଦେବାଳୟଗୁଡିକୁ ଯେଉଁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ପ୍ରକଳ୍ପ ଘୋଷଣା କରି ତାହାର ରୂପାନ୍ତରଣ କରିଛନ୍ତି, ବୁଢ଼ୀ ଠାକୁରାଣୀ ମନ୍ଦିରର ରୂପାନ୍ତରଣ ପାଇଁ ମଧ ଏକ ସ୍ୱତନ୍ତ୍ର ପ୍ରକଳ୍ପ ରୂପେ ଗ୍ରହଣ କରିବା ପାଇଁ କମିଟି ଦାବି କରିଛି। ମନ୍ଦିରର ଚର୍ତୁପାର୍ଶ୍ୱ ଉନ୍ନତିକରଣ ଓ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ଅନୁଭବୀ ସଂସ୍ଥା ଦ୍ୱାରା ଡିପିଆର ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିବା ପାଇଁ କମିଟି ଦାବି କରିଛି। ଏଥିସହ ଆବଶ୍ୟକ ପଡିଲେ ଅନୁଦାନ ରାଶି ବୃଦ୍ଧି ସହ ମନ୍ଦିର ଚାରିପଟେ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦାବି ହୋଇଛି। ରାଜ୍ୟ ସରକାର ଯଦି ଭୁବନେଶ୍ୱର ଏକାମ୍ର ପ୍ରକଳ୍ପ ଭଳି ଏକ ସ୍ୱତନ୍ତ୍ର ପ୍ରକଳ୍ପ ରୂପେ ବିକାଶ କରିବେ ତାହା ହେଲେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରୂପେ ପ୍ରସିଦ୍ଧି ଲାଭ କରିବ। ଅନ୍ୟପଟେ ଶାସକ ଦଳ ଓ ଏହାର ପ୍ରତିନିଧିମାନେ ମନ୍ଦିରକୁ କିଭଳି ଅଧିକ ଅନୁଦାନ ଆସିପାରିବ ଓ ଏହାର ରୂପାନ୍ତରଣ ସମୟ ସୀମା ମଧ୍ୟରେ ହୋଇପାରିବ ସେଥିପ୍ରତି ଅଧିକ ଧ୍ୟାନ ଦେବା ପାଇଁ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।

# ପଛୁଆବର୍ଗ ତାଲିକାରେ ସ୍ଥାନ ପାଇଲା ବସନ୍ତିଆ ସଂପ୍ରଦାୟ

**ଛତ୍ରପୁର, ୯।୭(ସନ୍ତୋଷ ପାଢ଼ୀ)**

ଦୀର୍ଘ ବର୍ଷର ଦାବି ପରେ ରାଜ୍ୟ ସରକାରଙ୍କ ପଛୁଆ ବର୍ଗ ତାଲିକାରେ ସ୍ଥାନ ପାଇଛନ୍ତି ବସନ୍ତିଆ ସଂପ୍ରଦାୟ। ଗଞ୍ଜାମ ଜିଲାର ଛତ୍ରପୁର , ଖଲ୍ଲିକୋଟ, ଆଠଗଡ ଓ ଘୁମୁସର ସମେତ କୋରାପୁଟ ଜିଲାର କୋଟପାଟ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ବସନ୍ତିଆ ସଂପ୍ରଦାୟର ଜନସାଧାରଣ ଗତ କିଛି ବର୍ଷ ଧରି ସରକାରଙ୍କ ନିକଟରେ ରାଜ୍ୟ ସରକାରଙ୍କ ପଛୁଆ ବର୍ଗ ତାଲିକାରେ ସ୍ଥାନ ପାଇବା ପାଇଁ ବିଭିନ୍ନ ଫୋରମରେ ଦାବି କରି ଆସୁଥିବା ବେଳେ ଶେଷରେ ସରକାର ଏହି ବର୍ଗର ବ୍ୟକ୍ତିବିଶେଷଙ୍କୁ ପଛୁଆ ବର୍ଗ ତାଲିକାରେ ସାମିଲ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ସମାଜର କର୍ମକର୍ତ୍ତା। ଛତ୍ରପୁର ବ୍ଲକ ଅନ୍ତର୍ଗତ ଭିକାରୀପଲ୍ଲୀ ଶିବ ମନ୍ଦିର ପରିସରରେ ବସନ୍ତିଆ ଓଡ଼ିଆ ଯୁବ ସମାଜର ସମାବେଶ ସଭାପତି ଭାସ୍କର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ



ବୈଠକରେ ବସନ୍ତିଆ ସମ୍ପ୍ରଦାୟର କର୍ମକର୍ତ୍ତା

କାର୍ଯ୍ୟକ୍ରମରେ ସଂପାଦକ ଭିକାରୀ ଚରଣ ନାୟକ, ପ୍ରତାପ କୁମାର ବେହେରା, ସନ୍ତୋଷ ନାହାକ, ରଞ୍ଜନ ପ୍ରଧାନ, ଭିକାରୀ ଚରଣ ପ୍ରଧାନ, ତ୍ରିଲୋଚନ ବେହେରା, କୈଳାସ ଚନ୍ଦ୍ର ନାୟକଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ବସନ୍ତିଆ ସମାଜର ସମସ୍ତ ଜନସାଧାରଣଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ସହ ଶିକ୍ଷାଠାରୁ ଆରମ୍ଭ କରି ଅର୍ଥନୈତିକ ବିକାଶ ପାଇଁ ବସନ୍ତିଆ ଯୁବ ସମାଜ ଜାରି ରଖିଥିବା

### ସାଧୁବାଦ ଜଣାଇଲେ ସମାଜର କର୍ମକର୍ତ୍ତା

ସଂଗ୍ରାମ ଉପରେ ଆଲୋକପାତ କରାଯିବା ସହିତ ଆର୍ଥିକ ସ୍ଥିତି ଓ ଶିକ୍ଷା କ୍ଷେତ୍ରରେ ବହୁତ ପଛରେ ରହିଥିବା ଏହି ବର୍ଗର ଜନସାଧାରଣ ସରକାରଙ୍କ ଏହି ନୂତନ ପଛୁଆ ବର୍ଗରେ ସାମିଲ କରାଯିବା ପରେ ବିଦ୍ୟାର୍ଥୀ ମାନେ ଶିକ୍ଷା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଏହାର ସୁବିଧା ପାଇପାରିବେ ବୋଲି ଆଶା କରି ଖୁସି ଅନୁଭବ କରିଥିବା କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ ପ୍ରଧାନ, ଉଦୟ ନାୟକ, ମହେନ୍ଦ୍ର ନାୟକ, ମଙ୍ଗୁଲୁ ପ୍ରଧାନ, ପର୍ଶୁରାମ ବିଷୋୟୀ, ସୂର୍ଯ୍ୟ ନାୟକ, ସୁରମଣି ନାୟକ, ପ୍ରତାପ ନାୟକ, ବାୟା ନାୟକ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଛାତରୁ ନାବାଳକଙ୍କ ମୃତଦେହ ଜବତ ଘଟଣା, ହତ୍ୟା ମାମଲା ରୁଜୁ

**ବ୍ରହ୍ମପୁର,୯।୭(ସୁବାସ ଚନ୍ଦ୍ର ପାଢ଼ୀ):** ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ନିକଟ ବାଉରୀ କମାପଲି ଗ୍ରାମର ଶିବ ଦାସ ନାମକ ଜଣେ ୭ବର୍ଷର ନାବାଳକଙ୍କ ମୃତଦେହ ଘର ଛାତ ଉପରୁ ମେ' ୧୫ ତାରିଖରେ ମିଳିଥିଲା। ତାଙ୍କର ସନ୍ଦେହଜନକ ମୃତ୍ୟୁକୁ ନେଇ ନେଇ କେହି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତଦେହ ପଞ୍ଚନାମା ବେଳେ ଶିଶୁର ବେକରେ କଳାଦାଗ ରହିଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ୧୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଅପମୃତ୍ୟୁ ମାମଲାକୁ ପୋଲିସ ଏବେ ହତ୍ୟା ମାମଲାରେ ରୂପାନ୍ତରିତ କରିଛି। ଘଟଣାର ଦେଢ଼ ମାସ ମଧ୍ୟରେ ଅନେକ ଲୋକଙ୍କୁ ସନ୍ଦେହରେ ଆଣି ପଚରାଉଚରା କରିଛି।

### ବିଏମ୍‌ସି ବିରୋଧରେ ଆନ୍ଦୋଳନ କରିବ ଭାଜପା

**ବ୍ରହ୍ମପୁର,୯।୭(ନରସିଂହ ସାହୁ):** ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଠିକାଦାର ପୋଷଣ ନୀତି ଚଳାଇଛି। ମୁକ୍ତା ଏବଂ ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କାର ଯୋଜନା କରାଯାଉଛି। ଶାସକ ଦଳ ସମର୍ଥିତ ଲୋକଙ୍କୁ କାର୍ଯ୍ୟାଦେଶ ଦିଆଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ୱାର୍ଡରେ ଲୋକଙ୍କ ଘର ପଛପଟେ ଡ୍ରେନ ବହୁ ପୂର୍ବରୁ ରହିଛି। ସେ ସବୁ ନିୟମିତ ସଫା କରାଯାଉନଥିବାରୁ ମଇଳା ପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଛି। ପଛପଟ ନାଳ ପୁନରୁଦ୍ଧାର କରାନଯାଇ ଏବେ ସାମ୍ନା ପଟରେ ଡ୍ରେନ ନିର୍ମାଣ କରାଯାଉଛି। ଅପରପକ୍ଷରେ ଠିକାଦାରମାନେ ବେନିୟମ ଭାବେ ନିର୍ମାଣ କାର୍ଯ୍ୟ କରୁଥିବାରୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବା ଭାଜପା ଭାଜପା ନେତା କାହ୍ନୁ ଚରଣ ପତି ଅଭିଯୋଗ କରିଛନ୍ତି। ସାହିବାସିନ୍ଦାଙ୍କୁ ଆଗୁଆ ସୂଚନା ଦିଆନଯାଇ ନର୍ଦ୍ଦମା ନିର୍ମାଣ ପାଇଁ ରାସ୍ତା ପାର୍ଶ୍ୱ ଖୋଳି ଦିଆଯାଉଛି। ଫଳରେ ଲୋକଙ୍କ ଓ ଯାନବାହାନ ଚଳାଚଳ ବିପଦପୂର୍ଣ୍ଣ ହୋଇଛି। ମୁକ୍ତା ଯୋଜନାର ନିୟମାବଳୀ ଉଲ୍ଲଂଘନ କରି ବିଏମସି କାମ କରୁଛି। ଭୋଟ ରାଜନୀତି ପାଇଁ ଏସ୍‌ଏଚ୍‌ଜିକୁ ବିଭିନ୍ନ କାମ ଦିଆଯାଉଛି। ସେମାନେ ନାମକୁ ମାତ୍ର ଅଛନ୍ତି ଏବଂ ସବୁ କାମ ବିଜେଡି କର୍ମୀ ଓ ସମର୍ଥକମାନେ କରୁଛନ୍ତି। ଏହାର ପ୍ରତିକାର ପାଇଁ ଦାବି ହୋଇଛି। ତୁରନ୍ତ ପଦକ୍ଷେପ ନିଆନଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ଏବଂ ବିଏମ୍‌ସି ଦପ୍ତର ଘେରାଉ କରାଯିବ ବୋଲି ପତି କହିଛନ୍ତି।

### ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲରେ ବନ ମହୋତ୍ସବ

**ବ୍ରହ୍ମପୁର,୯।୭(ସ୍ମୃତି ରଞ୍ଜନ ମହାଲିକ):** ଲାଞ୍ଜିପଲୀ ଗୁଡସ ରୋଡ ସ୍ଥିତ ଗୁରୁକୁଳ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲରେ ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକାର ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ବିଦ୍ୟାଳୟର ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦିକା ଅନୀତା କୁମାରୀ ପାଢ଼ି ପ୍ରମୁଖ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ପରିଡା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କାଉଟ ଏବଂ ଗାଇଡ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଇକୋ କ୍ଲବର ସଦସ୍ୟ ପଦ୍ମିନୀ ପଟ୍ଟନାୟକ, ଚୁମୁକି ପାତ୍ର ଓ ଏମ ଲକ୍ଷ୍ମୀ ପରିଚାଳନାରେ ସହଯୋଗ କରିଥିଲେ।

# ଆସିଲା ବର୍ଷା, ବଢ଼ିଲା ଡେଙ୍ଗୁ ଚିନ୍ତା

ବ୍ରହ୍ମପୁର,୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟରେ ଏବେ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ବର୍ଷା ଆସିବା ସହିତ ଲୋକଙ୍କୁ ଡେଙ୍ଗୁ ଚିନ୍ତା ଘାରିଛି। ବିଶେଷ କରି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁଁ ମଶାବଂଶ ବୃଦ୍ଧିପାଇଛି। ବ୍ରହ୍ମପୁର ସହରର ପରିମଳ ବ୍ୟବସ୍ଥାକୁ ନେଇ ଏବେ ଲୋକେ ଚିନ୍ତିତ। ବର୍ଷା ହେଲା ମାତ୍ରେ ବିଭିନ୍ନ ସ୍ଥାନରେ ପାଣି ଜମିବା ସହିତ ନାଳ ଚୋକ୍ ହୋଇଯାଉଛି। ରାସ୍ତାରେ ଆଣ୍ଠୁଏ ପାଣି ଭାସୁଛି। ଏଭଳି ସ୍ଥିତି ଲାଗି ରହିଲେ ପରିବେଶ ପ୍ରଦୂଷିତ ହେବା ସହିତ ନାନା ରୋଗ ବ୍ୟାପିବାର ଆଶଙ୍କା ରହିଛି। ଗତବର୍ଷ ୧୬୧ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତ

## ୨୦୨୨ରେ ଚିହ୍ନଟ ହୋଇଥିଲେ ୧୬୧

୨୦୧୨ରେ ୫୩୩ ଡେଙ୍ଗୁ ପଜେଟିଭ୍ ଚିହ୍ନଟ ହୋଇ ଉତ୍କଟ ରୂପ ଧାରଣା କରିଥିଲା। ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜିଲା ପ୍ରଶାସନ ଯଥେଷ୍ଟ ଗୁରୁତ୍ୱ ଦେଇଥିଲା। ଏହା ସହିତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନିତ କରାଯାଇଥିଲା। ଫଳରେ ୨୦୧୩ ଠାରୁ ଧୀରେ ଧୀରେ ପଜିଟିଭ୍ ସଂଖ୍ୟା କମିଥିଲା। କିନ୍ତୁ ଗତକିଛି ବର୍ଷ ହେଲା ଡେଙ୍ଗୁ ପଜିଟିଭ୍ ୩ଶହ ଡେଇଁ ଚାଲିଥିଲା। ଫଳରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ତୁରନ୍ତ ତତ୍ପରତା ପ୍ରକାଶ କରି ଯେଉଁ ଅଞ୍ଚଳରେ ଡେଙ୍ଗୁ ଚିହ୍ନଟ ହେଉଛନ୍ତି, ସେଠାକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ଲୋକଙ୍କୁ ସଚେତନ କରୁଛି। ଡେଙ୍ଗୁ ମଶାର ଲାର୍ଭା ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟ କରି ତାହା ନଷ୍ଟ କରିଛି। ଏହା ସହିତ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମା ନରଖିବା ଓ ପରିବେଶ ସଫାସୁତରା ରଖିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମକେସିଜି ବଡ଼ ଡାକ୍ତରଖାନା କାଜୁଆଲ୍ଟି ପ୍ରଥମ ମହଲାରେ ସ୍ୱତନ୍ତ୍ର ୱାର୍ଡ଼ କରାଯାଇଛି। ଗତବର୍ଷ ଗଞ୍ଜାମ ଜିଲାରୁ ମୋଟ ୧୬୧ଜଣ ଡେଙ୍ଗୁ ପଜିଟିଭ୍ ହୋଇଥିଲେ। ତନ୍ମଧ୍ୟରୁ ୬୮ଜଣ ବାହାର ଜିଲା ଓ ଅନ୍ୟ ରାଜ୍ୟରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି। ଏହା ସହିତ ଡେଙ୍ଗୁ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ 'ଦମନ' କାର୍ଯ୍ୟକ୍ରମ ଜରିଆରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି। ୨୦୧୮ରେ ୧୫୫ ପଜିଟିଭ୍ ଚିହ୍ନଟ ହୋଇଥିଲା ବେଳେ ୨୦୧୯ରେ ୩୦୭ ପଜିଟିଭ୍, ୨୦୨୦ରେ ୯ ପଜିଟିଭ୍ ଚିହ୍ନଟ ହୋଇଥିଲେ। ୨୦୨୧ରେ ୩୩୩ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେବେ ଚଳିତ ବର୍ଷ ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା ଜଣେ ହେଲେ ବି ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇନଥିବା ଜଣାପଡ଼ିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଗଣେଶ



@ ଯଜ୍ଞପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡିର କର୍ମୀ ସମ୍ମିଳନୀ, ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଗୋପାଳପୁର,୯।୭(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ରବିବାର ବିଜୁ ଜନତା ଦଳର ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ନବ ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ଏମପି ମାନସ ରଞ୍ଜନ ମଙ୍ଗରାଜଙ୍କୁ ପଥରା ଛକ ନିକଟରେ ସ୍ୱାଗତ କରିବା ସହ ଏକ ବିରାଟ ବାଇକ ରାଲିରେ ଗୋପାଳପୁର ଏନଏସିର ସଭାସ୍ଥଳକୁ ପାଛୋଟି ଅଣାଯାଇ ସେଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ଓଏସଡ଼ି ଡ.ଗୋପବନ୍ଧୁ ଦାସ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଡ଼େପୁଟି ମେୟର ଇ.ବିବେକ ରେଡ୍ଡି, ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ଜିଲା ପରିଷଦ ଉପସଭାନେତ୍ରୀ ଏସ.ରାଜେଶ୍ୱରୀ ଦୋରା, ବ୍ଲକ ଉପାଧ୍ୟକ୍ଷ ଅନୀତା ମହାକୁଡ଼, ଜିଲା ସାଧାରଣ ସମ୍ପାଦକ ସି.ଏଚ. ଭରତ ପାତ୍ର, ଉପସଭାପତି ସି.ଏଚ ଡ଼ିଲେଶ୍ୱରୀ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସଭାପତି ଅଜିତ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରେ ଯାହାଙ୍କୁ ପ୍ରାର୍ଥୀ କରିବେ ତାଙ୍କୁ ସମର୍ଥନ ମାନିବା ସହ ଗଞ୍ଜାମ ଓ ଗଜପତିରେ ସର୍ବାଧିକ ଭୋଟରେ ବିଜୟ କରିବା ପାଇଁ ମାନସ ମଙ୍ଗରାଜ ଆହ୍ୱାନ ଦେଇଥିଲେ। ଛାତ୍ର, କୃଷକ, ସବୁବର୍ଗ ଓ ଲୋକଙ୍କ ପାଇଁ ନବୀନ ପଟ୍ଟନାୟକ ଯୋଜନା କରିଛନ୍ତି ବୋଲି ଓଏସଡ଼ି କହିଥିଲେ। ପରେ ଗୋପାଳପୁର ଏନଏସିରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟକୁ ଏମପି ମଙ୍ଗରାଜ ଓ ଓଏସଡ଼ି ଡ଼.ଦାସ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲାପରିଷଦ ଦୀପକ କୁମାର ସାମନ୍ତ, ସାମାଜିକ କର୍ମୀ ରାମହରି ପାତ୍ର, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଉପାଧ୍ୟକ୍ଷ ବି.ଉମା, ଜି.ମୋହନ, ଦଣ୍ଡପାଣି ପାଣିଗ୍ରାହୀ, ଜିଲା ଛାତ୍ର ସଭାପତି ପ୍ରଶାନ୍ତ ପଣ୍ଡା, ପୂର୍ବତନ ଜିଲାପରିଷଦ ଶଶିଭୂଷଣ ମହାନ୍ତି, ବିଷ୍ଣୁପ୍ରିୟା ନାଏକ, ମୁନା ନାୟକ, ଉମା ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ୨ଚୋରା ବାଲି ଟ୍ରାକ୍ଟର ଜବତ

ହିଞ୍ଜିଳିକାଟୁ, ୯।୭(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଖରିଡ଼ା ଓ ଶିକିରି ଗ୍ରାମର ନିଷିଦ୍ଧାଞ୍ଚଳ ଋଷିକୂଲ୍ୟା ନଦୀରୁ ବାଲି ମାଫିଆମାନେ ଲିଜ ହୋଇନଥିବା ସ୍ଥାନରୁ ଶହ ଶହ ଟ୍ରାକ୍ଟର, ଟ୍ରକ ବାଲି ଚୋରାଇ ନେଉଥିବା ଅଭିଯୋଗ ହୋଇଛି। ଶନିବାର ହିଞ୍ଜିଳି ପୋଲିସର ପାଟ୍ରୋଲିଂ ଟିମ ବାଲି ଚୋରାଇ ନେଉଥିବା ୨ଟ୍ରାକ୍ଟରକୁ ହିଞ୍ଜିଳି ନିକଟରେ ଚଢ଼ାଉ କରି ଜବତ କରିଛି। ଏଥିରୁ ଗୋଟିଏ ଟ୍ରାକ୍ଟର ( ଓଡ଼ି ୦୭ୱାଇ ୪୧୩୫) ଥିବା ବେଳେ ଟ୍ରଲି ନମ୍ବର ମଧ୍ୟ (ଓଡ଼ି ୦୭ୱାଇ ୪୧୩୫) ରହିଛି। ଏହାର ମାଲିକ ତଥା ଡ୍ରାଇଭର ଶିକିରି ଗ୍ରାମର ବଳରାମ ଗୌଡ଼ଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଅନ୍ୟ ଟ୍ରାକ୍ଟର ଓ ଟ୍ରଲି ଉଭୟ ନମ୍ବର ବିହୀନ ରହିଛି। ଚୋରା ବାଲି ଚାଲାଣ କରୁଥିବା ଏହି ଟ୍ରାକ୍ଟର ଗୁଡ଼ିକ ଟ୍ରାନଜିଟ ପାସ ନ'ଥାଇ ଦୀର୍ଘ ଦିନ ଧରି ସରକାରଙ୍କ ଲିଜ ହୋଇନଥିବା ଶିକିରି ନଦୀ ଘାଟରୁ ବାଲି ଚୋରାଇ ନେଉଥିବା ପୋଲିସ ତଦନ୍ତରୁ ଜଣା ପଡ଼ିଛି। ଏଥିନେଇ ହିଞ୍ଜିଳି ଥାନାରେ ନଂ. ୪୮୧/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଜୀବନ ସହ ସଂଘର୍ଷ କରୁଛନ୍ତି ଦୁଇ ଉଦ୍ଧାର ନବଜାତ ଶିଶୁ

ବ୍ରହ୍ମପୁର,୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜନ୍ମିତ ଶିଶୁକୁ ନେଇ ଅନେକ ସ୍ୱପ୍ନ ବାପା ମା' ଦେଖିଥାନ୍ତି। ହେଲେ ଏମିତି କିଛି ବାପା ମା' ଅଛନ୍ତି ସେମାନେ ଜନ୍ମରୁ ନିଜ ପିଲାଙ୍କୁ ମରଣମୁହଁକୁ ଠେଲି ଦେଉଛନ୍ତି। ଏଭଳି ଘଟଣା ଗଞ୍ଜାମ ଜିଲାରେ ଦେଖିବାକୁ ମିଳିଛି। ନବଜାତକଙ୍କୁ ବାପା ମା' ଫିଙ୍ଗିଦେଇଥିବା ବେଳେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଛି ଚାଇଲ୍ଡଲାଇନ୍। ସେମାନେ ଏବେ ଜୀବନ ସହ ସଂଘର୍ଷ କରୁଛନ୍ତି। ଜଣେ ଶିଶୁ ଜୁନ୍ ୧୧ରେ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ରୋଡ଼ ସ୍ଥିତ ଏକ ଘରୋଇ ହସ୍ପିଟାଲରୁ ଉଦ୍ଧାର ହୋଇଥିବା ବେଳେ ଅନ୍ୟଜଣେ ଶିଶୁ କନ୍ୟା ଜୁନ୍ ୨୭ରେ ଇଛାପୁରରୁ ଉଦ୍ଧାର ହୋଇଛି। ହସ୍ପିଟାଲରୁ ଉଦ୍ଧାର ହୋଇଥିବା ଶିଶୁପୁତ୍ର ଏବେ ଗୁରୁତର ଅଛନ୍ତି। ତାଙ୍କୁ ନ୍ୟୁରୋଲୋଜି ବିଭାଗ ଡାକ୍ତର ଚିକିତ୍ସା କରୁଥିବା ବେଳେ ସେ ଏସ୍‌ଏନସିୟୁରେ ରହିଛନ୍ତି। ଜନ୍ମପରେ ତାଙ୍କୁ ଶୌଚାଳୟରେ ପକାଇ ଦିଆଯାଇଥିଲା ଏବଂ ସଂପୃକ୍ତ ଶିଶୁ ବିଭିନ୍ନ ସଂକ୍ରମଣ ରୋଗର ଶିକାର ହୋଇଛନ୍ତି। ତେଣୁ ତାଙ୍କର ଅଧିକ ଚିକିତ୍ସା ଆବଶ୍ୟକ ରହିଛି। ତାଙ୍କୁ ଡାକ୍ତର କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି ଚାଇଲ୍ଡଲାଇନ୍ ସଂଯୋଜିକା ପ୍ରଣତି କାଉର। ସୂଚନାଯୋଗ୍ୟ ଏହି ଶିଶୁକୁ ହସ୍ପିଟାଲ୍ ପାଇଖାନାରୁ ଉଦ୍ଧାର କରିଥିଲା ଚାଇଲ୍ଡଲାଇନ୍। ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ କରିଥିଲା ବୈଦ୍ୟନାଥପୁର ଥାନା ପୋଲିସ। ପୁଅଟି ପୋଲିଓ ଆକ୍ରାନ୍ତ ଥିବାରୁ ବାପା ମା' ଛାଡିଦେଇଥିଲେ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ପାଇଖାନାରେ ରଖିଦେଇଥିଲେ। ପୋଲିସ ସଂପୃକ୍ତ ମାମଲାରେ ହସ୍ପିଟାଲ୍ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାପା ମା' ବିରୋଧରେ ମଧ୍ୟ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ପ୍ରକାରେ ଜୁନ୍ ୨୭ରେ ଏମକେସିଜି ଏସ୍‌ଏନସିୟୁରେ ନବଜାତ ଶିଶୁ କନ୍ୟାକୁ ଭର୍ତ୍ତି କରାଯାଇଥିଲା। ସମୟ ପୂର୍ବରୁ ଶିଶୁଟି ଜନ୍ମ ହୋଇଥିବା ବେଳେ କମ୍ ଓଜନ ରହିଛି। ଶିଶୁ କନ୍ୟାର ଓଜନ ୧ କିଲୋ ୧୨୦ ଗ୍ରାମ୍ ଥିବା ଡାକ୍ତର ପ୍ରକାଶ କରିଥିଲେ। ସେଠାରେ ଇଛାପୁରମ୍ ବେଲୁ ପଡାର ବି.ପୁରୁଷୋତ୍ତମ ଓ ବି.ଭେଙ୍କଟଲକ୍ଷ୍ମୀ ପହଞ୍ଚି ପିଲାଙ୍କୁ ନେବାକୁ ଦାବି କରିଥିଲେ। ମା' କ୍ଷୀର ଦେବାକୁ କହିଥିଲେ ଡାକ୍ତର। କିନ୍ତୁ ଭେଙ୍କଟଲକ୍ଷ୍ମୀ ମା' କ୍ଷୀର ଦେଇପାରିନଥିଲେ। ଡାକ୍ତର ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ଚାଇଲ୍ଡଲାଇନ୍ ଟିମ୍ ସେଠାରେ ପହଞ୍ଚିଥିଲେ। ଶିଶୁଟି ଇଛାପୁରରେ ପଡିଥିବା ବେଳେ ତାଙ୍କୁ ଉପରୋକ୍ତ ଦମ୍ପତି ଆଣି ଏମକେସିଜିରେ ଭର୍ତ୍ତି କରିଥିବା ଜଣାପଡିଥିଲା। ବର୍ତ୍ତମାନ ଶିଶୁକୁ ଚାଇଲ୍ଡଲାଇନ୍ ହେପାଜତକୁ ନେଇଥିବା ବେଳେ ସାଙ୍ଗରେ ଶିଶୁକୁ ନେବାକୁ ଆନ୍ଧ୍ରର ଦମ୍ପତି ଅପେକ୍ଷା କରିଛନ୍ତି। ଏହି ଶିଶୁ ବି ଗୁରୁତର ଅବସ୍ଥାରେ ଏମକେସିଜି ଏସ୍‌ଏନସିୟୁରେ ଚିକିତ୍ସିତ ହେଉଛି।

# ଦାରିଦ୍ର୍ୟ-ବେକାରି ହଟାଇବାରେ କେନ୍ଦ୍ର ସରକାର ବିଫଳ

## ସିପିଏମ୍ ଜିଲା କମିଟି ବୈଠକରେ ଅଭିଯୋଗ

ବ୍ରହ୍ମପୁର,୯।୭(ନରସିଂହ ସାହୁ)

ସିପିଆଇ(ଏମ୍) ଗଞ୍ଜାମ ଜିଲା କମିଟି ପକ୍ଷରୁ ବ୍ରହ୍ମପୁରରେ ଅନୁଷ୍ଠିତ ଦୁଇଦିନିଆ ବୈଠକ ରବିବାର ଉଦଯାପିତ ହୋଇଯାଇଛି। ଗୃହୀତ ରାଜନୈତିକ ଚିଠା ପ୍ରସ୍ତାବରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦୀ ସରକାରଙ୍କ ଜନ ବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ନୀତିକୁ ସମାଲୋଚନା କରାଯାଇଛି। ଏହି ସରକାରକୁ କ୍ଷମତାରୁ ହଟାଇବା ପାଇଁ ବାମପନ୍ଥୀ ସଂଗଠନ ଯେଉଁ ପ୍ରୟାସ ଚଳାଇଛି ତାହା ସାକାର କରିବାକୁ ସବୁ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଦଳଗୁଡ଼ିକ ଏକାଠି ହୋଇ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଅପରପକ୍ଷରେ ଲଗାମଛଡ଼ା ଦରବୃଦ୍ଧି ଓ ଆବାସ ଯୋଜନାରେ ଚାଲିଥିବା ଦୁର୍ନୀତି ଏବଂ ପ୍ରିୟାପ୍ରୀତି ପ୍ରତିବାଦରେ ଗଞ୍ଜାମ ଜିଲା ବ୍ୟାପୀ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।



ସିପିଆଇ(ଏମ୍) ଜିଲା କମିଟି ବୈଠକରେ ଉପସ୍ଥିତ ନେତା।

ବୈଠକର ଉଦଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କମିଟି ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ ବର୍ଷ ଶାସନରେ ଦେଶର ଅନେକ ମୂଲ୍ୟବାଦ ସମ୍ପଦକୁ ଶାଗ ମାଛ ଦରରେ ମିତ୍ର କମ୍ପାନୀ ଓ ପୁଞ୍ଜିପତିଙ୍କୁ ଟେକି ଦେଇଥିବା ସଂଗୀନ ଅଭିଯୋଗ କରିଥିଲେ। ବେକାରି ଓ ଦାରିଦ୍ର୍ୟ ହଟାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏନଡିଏ ସରକାର ନିଜ ଦୋଷ ଓ ଦୁର୍ବଳତା ଘୋଡ଼ାଇବା ଲାଗି ସାମ୍ପ୍ରଦାୟିକ ଧ୍ରୁବିକରଣକୁ ଅସ୍ତ୍ର କରିଥିବା ପଟ୍ଟନାୟକ କଟାକ୍ଷ କରିଥିଲେ। ବରିଷ୍ଠ ନେତା କୈଳାସ ଷଡ଼ଙ୍ଗୀ ବୈଠକରେ ଅଧକ୍ଷତା କରିଥିଲେ।

ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା ବିବରଣୀ ଉପସ୍ଥାପନ ସହ ରାଜନୈତିକ ଚିଠା ଆଗତ କରିଥିଲେ। ଉପରୋକ୍ତ ଜନଦାବି ନେଇ ଆସନ୍ତା ୧୪ ତାରିଖରେ ବ୍ରହ୍ମପୁରରେ ମହିଳା ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାର ସୋରଡ଼ା, କୁକୁଡ଼ାଖଣ୍ଡି, ପାତ୍ରପୁର ଓ ଦିଗପହଣ୍ଡି ସମେତ ବିଭିନ୍ନ ସ୍ଥାନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ଏବଂ ଦାବି ହାସଲ ନିମନ୍ତେ ଆନ୍ଦୋଳନ ଓ ପଦଯାତ୍ରା କରାଯିବ ବୋଲି ଜିଲା ସମ୍ପାଦକ ସୂଚାଇଛନ୍ତି। ଆଲୋଚନାରେ ରାମଚନ୍ଦ୍ର ନାୟକ, ବିଦ୍ୟାଧର ଜେନା, ଦିଲିପ ଛୋଟରାୟ, ହରିକୃଷ୍ଣ ରେଡ଼ି ଓ ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଭାଗ ନେଇଥିଲେ।

# ଆକାଶବାଣୀ କେନ୍ଦ୍ର ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ

ବ୍ରହ୍ମପୁର,୯।୭(ତନୁଶ୍ରୀ ନାହାକ)

ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ପରିସରରେ ଜାତୀୟ ବନମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏଥିରେ ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ପରିସରରେ ଥିବା ଖାଲି ସ୍ଥାନରେ ବେଲ, ଅଳାଁ ଭଳି ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇଥିଲା। ମୌସୁମୀ ପୂର୍ବରୁ ଚାରାରୋପଣ କରିବାର ଆବଶ୍ୟକତା ସମ୍ପର୍କରେ ପାଣିଗ୍ରାହୀ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟ କିଶାନବାଣୀ, ସମୃଦ୍ଧିପଥେ ଭାରତ, ଯୁବବାଣୀ, ବାଟେଘାଟେ, କିଛିକଥା ଗୀତ, ମହିଳା ଆଦି କାର୍ଯ୍ୟକ୍ରମର ଉପସ୍ଥାପିକା ଉପସ୍ଥାପକ ମୋନାଲିସା ପଟ୍ଟନାୟକ, ଆଶାରାଣୀ ପାଣୀଗ୍ରାହୀ, ଡ଼.ରାମକୃଷ୍ଣ ସାହୁ, କାମାକ୍ଷା, ଆଶ୍ରିତା, ସ୍ମିତାସ୍ୱିନି ମହାପାତ୍ର, ଧରିତ୍ରୀ ସାହୁ, ପୁଷ୍ପିତା ପଟ୍ଟନାୟକ, ନଳିନୀ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ କିପରି ସଚେତନ ସୃଷ୍ଟି କରିହେବ ସେ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ।



ଆକାଶବାଣୀ କେନ୍ଦ୍ରରେ ଚାରା ରୋପଣ କରାଯାଉଛି।

# କ୍ଷୁଦ୍ର, ଉଠା ଜଳସେଚନ ଯୋଜନା କ୍ରିୟାଶୀଳ ଦାବି

ବ୍ରହ୍ମପୁର,୯।୭(ସ୍ମୃତି ରଞ୍ଜନ ମହାଲିକ)

ଚଳିତ ବର୍ଷ ବର୍ଷା ଅଭାବରୁ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକର ଧାନ ଫସଲରେ ଗଜା ମରୁଡି ଓ ତଳି ପୋଡି ଦେଖାଦେଇଛି। କେତେକ ବ୍ଲକରେ ଧାନ ରୁଆ ହୋଇଥିବା ଜମି ବର୍ଷା ଅଭାବରୁ ଫାଟି ଆଁ କରିଛି। ଏଭଳି ସ୍ଥିତିରେ ଚାଷୀ ତଳିକୁ କିଭଳି ବଞ୍ଚାଇବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ରାଜ୍ୟ ସରକାର ଜଳ ସେଚନ ପ୍ରକ୍ରିୟାକୁ ବୃଦ୍ଧି ପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅନ୍ୟପଟେ ଜିଲାରେ ରହିଥିବା ବହୁ କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏଣୁ ଏହି ଦୁର୍ଦ୍ଦିନ ସମୟରେ ଜିଲାର ସମସ୍ତ କ୍ଷୁଦ୍ର ଓ ଉଠା ଜଳ ସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା ସହ ସମସ୍ତ କେନାଲରେ ପାଣି ଛାଡିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେବାକୁ ଋଷିକୁଲ୍ୟା ରୟତ ମହାସଭା ଦାବି କରିଛି। ଏହାଦ୍ୱାରା ଗଜା ମରୁଡି ଓ ତଳି ପୋଡି ସୁରକ୍ଷା ହୋଇପାରିବ। ଅନ୍ୟପଟେ ଚାଷୀଙ୍କ ନିକଟରେ ବିହନ ଧାନ ନ ଥିବାରୁ ସୋସାଇଟି ଜରିଆରେ ବିହନ, ଧାନ ଓ ଜୈବିକ ସାର ରିହାତି ଦରରେ ଯୋଗାଇବା ପାଇଁ ଦାବି ହୋଇଛି। ଜିଲାରେ କୃଷି ନିର୍ଦ୍ଧାରଣ କମିଟି ବୈଠକ ହୋଇ ନ ଥିବାରୁ କୃଷିର ବିକାଶ ଦିଗହରା ହୋଇଛି ବୋଲି ରୟତ ମହାସଭା ଅଭିଯୋଗ କରିଛି। ଏଣୁ କୃଷି ନିର୍ଦ୍ଧାରଣ କମିଟିରେ ଚାଷୀ ସଂଗଠନକୁ ସାମିଲ କରି କୃଷି ଓ କୃଷକର ବିକାଶ ନିମନ୍ତେ ବିଧିବଦ୍ଧ ଯୋଜନା କରି କାର୍ଯ୍ୟକାରୀ କରିବା ସହ ଧାନ ଫସଲର ଜଳ ସେଚନ ସୁବିଧା ନିମନ୍ତେ

## ମରୁଡି ଆଶଙ୍କା

ଜଳ ଭଣ୍ଡାର ସ୍ଥିତି, ଉଠା ଜଳ ସେଚନ ପମ୍ପଗୁଡିକ ସ୍ଥିତି, ବର୍ଷା ଜଳ ସଂରକ୍ଷଣ ସ୍ଥିତି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମୀକ୍ଷା କରିବାକୁ ଦାବି ହୋଇଛି। ତତସହିତ ଘରୋଇ ଓ ସରକାରୀ ଉଠା ଜଳ ସେଚନ ପମ୍ପଗୁଡିକରେ ବକେୟା ଥିବା ପୁରୁଣା ବିଦ୍ୟୁତ ବିଲ ଛାଡ଼ କରି ଯୁଦ୍ଧକାଳୀନ ଭିତ୍ତିରେ ପାଣି ଯୋଗାଇ ତଳି ପୋଡିରୁ ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି। ଜିଲାର ପ୍ରତି ପଞ୍ଚାୟତରେ କୃଷି ସହାୟକ କେନ୍ଦ୍ର ଖୋଲାଯାଇ ବିହନ ସାର ଓ କୃଷି ଯନ୍ତ୍ରପାତି, ପମ୍ପ ରିହାତି ଦରରେ ଯୋଗାଣ, ବାରହା, ମାଙ୍କଡ ବନ୍ୟଜନ୍ତୁ ପ୍ରାଦୁର୍ଭାବ ଯୋଗୁଁ ଫସଲ ନଷ୍ଟ ହେଉଛି। ଏଣୁ ଫସଲ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ରୟତ ମହାସଭା ପରାମର୍ଶ ଦେଇଛି। ପୂର୍ବରୁ ଗ୍ରାମ କମିଟିର ଅନୁମୋଦନ କ୍ରମେ ଭାଗ ଚାଷୀଙ୍କ ନାମ ଧାନ ବିକିବା ପାଇଁ ପଞ୍ଜିକରଣ କରାଯାଉଥିଲା। ଏଣୁ ଚଳିତ ବର୍ଷ ମଧ୍ୟ ଗ୍ରାମ କମିଟିର ସୁପାରିଶ କ୍ରମେ ଭାଗ ଚାଷୀଙ୍କ ନାମ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେବାକୁ ରୟତ ମହାସଭା ଦାବି କରିଛି। ଉପରୋକ୍ତ ସମସ୍ୟାର ସମାଧାନ କରାଗଲେ ଜିଲାର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ରୟତ ମହାସଭାର ଉପଦେଷ୍ଟା ରବି ରଥ, ସଂପାଦକ ସୀମାଞ୍ଚଳ ନାହାକ, ପି ଜଗଦୀଶ ରେଡ୍ଡି, ବିପ୍ର ସ୍ୱାଇଁ, କୃଷ୍ଣ ନାୟକ ପ୍ରମୁଖ ଦାବି କରିଛନ୍ତି। ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

